କନ୍ଧମାଳର ପ୍ରାକୃତିକ କୃଷି

କନ୍ଧମାଳର ପ୍ରାକୃତିକ କୃଷି

ପ୍ରକାଶକ

ସ୍ୱାତୀ

ସୋସିଆଲ୍ ୱେଲ୍‌ଫେୟାର୍ ଏଜେନ୍‌ସି ଆଣ୍ଡ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ସ୍ୱାତୀ)

ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା

E-mail: swati_pab@yahoo.co.in

Website: www.swatiodisha.org

ସଂପାଦନା

ମୃତ୍ୟୁଞ୍ଜୟ ବେହେରା

କଳିଙ୍ଗ ବିହାର, ଭୁବନେଶ୍ୱର

ପ୍ରକାଶନ ସମୟ

ଫେବୃୟାରୀ ୨୦୨୨

କନ୍ଧମାଳ ପ୍ରାକୃତିକ କୃଷିର କଥା

ବର୍ତ୍ତମାନ ସମୟରେ କୃଷିକୁ ନିଜ ନିୟନ୍ତ୍ରଣାଧିନ କରି ରଖିବା ଏବଂ ଏହାର ଖାଦ୍ୟ ଉତ୍ପାଦନତା ପ୍ରକ୍ରିୟାକୁ ବିଷମୁକ୍ତ ରଖିବା କୃଷକ ପାଇଁ ଏକ ଆହ୍ୱାନ । ବଜାର ବ୍ୟବସ୍ଥା କୃଷିକୁ ସଂପୂର୍ଣ୍ଣ ଭାବେ ବ୍ୟବସାୟିକ ଚକ୍ରବ୍ୟୁହରେ ପୁରାଇ ଦେଇଛି ଏବଂ ଚାଷୀ ପରିବାର ଗୁଡିକର ଅଭାବ ଓ ରୋଜଗାରଗତ ଅସ୍ଥିରତା ଏହାକୁ ଗ୍ରହଣ କରିନେବାକୁ ବାଧ କରିଛି । ଏହାର ପରିଣତି ସ୍ୱରୂପ କୃଷକଟିଏ କୃଷି ବ୍ୟବସ୍ଥାର ମାଲିକଟିଏ ନହୋଇ ଏବେ ନିଜ ଜମିରେ କୃଷି ଶ୍ରମିକଟିଏ ପାଲଟିଛି ।

କୃଷି ଆମ ଖାଦ୍ୟ ବ୍ୟବସ୍ଥାର ମୂଳ ଆଧାର ହୋଇଥିବାବେଳେ ବର୍ତ୍ତମାନର କୃଷି ଉତ୍ପାଦନରେ ଶୁଦ୍ଧତା ଓ ପ୍ରାକୃତିକତା ହ୍ରାସ ପାଉଥିବାରୁ ତାହା ଆମର ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ସୁରକ୍ଷାକୁ ବହୁଳ ଭାବେ ପ୍ରଭାବିତ କରୁଛି । କୃଷକର କ୍ଷେତରୁ ଫସଲ ବିବିଧତା ଲୋପ ପାଇ ବଜାର ଚାହିଦା ମୁତାବକ ଏକକ ଫସଲ ଚାଷ ବୃଦ୍ଧି ପାଇଛି । ଏହାଦ୍ୱାରା କୃଷକ ପରିବାରକୁ ନିଜ ଖାଦ୍ୟ ସନ୍ତୁଳନ ପାଇଁ ମଧ୍ୟ ବଜାର ଉପରେ ନିର୍ଭର କରିବାକୁ ପଡୁଛି । ଖାଦ୍ୟ ଅଭାବକୁ ମେଂଟାଇବାକୁ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ଏବେ ରୋଗ ବିପ୍ଳବର ସୂତ୍ରଧର ପାଲଟିଛି ।

ଏହିସବୁ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାକୃତିକ କୃଷି ଓ ଜୈବିକ କୃଷି ହିଁ ଏକମାତ୍ର ବିକଳ୍ପ । କୃଷି ଓ ଖାଦ୍ୟରେ ରାସାୟନିକ ପ୍ରଭାବର ଗମ୍ଭୀରତାକୁ ଉପଲବ୍ଧୀ କରି ସରକାର ମଧ୍ୟ ପ୍ରାକୃତିକ ଓ ଜୈବିକ କୃଷିର ପ୍ରସାର ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ।

କନ୍ଧମାଳ ଜିଲ୍ଲାରେ ପ୍ରାକୃତିକ କୃଷି ଓ ଜୈବିକ କୃଷିର ଧାରା ଏବେ ସୁଦ୍ଧା ବଳବତ୍ତର ରହିଛି । ପାରମ୍ପରିକ ଭାବେ ଚାଷୀମାନେ ଏହା କରି ଆସୁଛନ୍ତି । ତେବେ ଏହାର ସୁରକ୍ଷା ଓ ପ୍ରସାର କରାନଗଲେ ବଜାର ପ୍ରଭାବରେ ଏହା ମଧ୍ୟ ଲୋପ ପାଇଯିବାର ଆଶଙ୍କା ରହିଛି ।

ସୂଚୀପତ୍ର

ବିଷୟ	ପୃଷ୍ଠା
ପ୍ରାକୃତିକ କୃଷିର ଗନ୍ତାଘର – କନ୍ଧମାଳ	୪
କନ୍ଧମାଳ ହଳଦୀର କାହାଣୀ	୭
ରାଇକିଆ ବିନ୍‌ସର ସ୍ୱତନ୍ତ୍ରତା	୧୦
ବନ୍ଧଗଡ ଆଳୁର ସ୍ୱାଦ	୧୧
କନ୍ଧମାଳ କୋବିର ଆଦର	୧୩
ଲୋପ ପାଇ ଆସୁଛି କନ୍ଧମାଳର ଦେଶୀ ଧାନ	୧୫
ପୋଖତ ପ୍ରାକୃତିକ ଚାଷୀ କ୍ରିସସ୍ତମ ପ୍ରଧାନ	୧୭
ଜଳସେଚନର ଅସୁବିଧା ଦିଲ୍ଲୀପଙ୍କୁ ପ୍ରାକୃତିକ ପ୍ରଣାଳୀ ଚାଷ ପାଇଁ ବାଟ ଦେଖାଇଲା	୨୦
ମଟର ଫସଲର ରୋଗ ଦୂର କଲା ହାଣ୍ଡିଖତ	୨୨
ରୋଗପୋକ ନିୟନ୍ତ୍ରଣର ଏକ ପାରଂପରିକ କୌଶଳ ମିଶ୍ରିତ ଫସଲ ଚାଷ	୨୩
ରାଇକିଆ ଅଂଚଳରେ ପ୍ରାକୃତିକ କୃଷିକୁ ସମୃଦ୍ଧ କରୁଛି ମାଣ୍ଡିଆ ଚାଷ	୨୫
କୋବି ସହ ମାଣ୍ଡିଆ ଅନ୍ତଃଚାଷ କରି ବେଶ୍ ଲାଭବାନ ହେଲେ ବିରେନ୍ଦ୍ର	୨୮
କନ୍ଧମାଳିଆ ଶୋରିଷ ଶାଗ	୨୯
ଟିକିଦେଓ ପ୍ରଧାନଙ୍କ ଜୈବିକ କୃଷି କୌଶଳ	୩୧
ଘରର ଖାଦ୍ୟ ଆବଶ୍ୟକତା ପାଇଁ ନଇମିନୀଙ୍କ ଘରବାଡି ବଗିଚା	୩୩
ଚାଷୀଙ୍କ ପାଇଁ ଶିକ୍ଷାକ୍ଷେତ୍ର ପାଲଟିଛି ଜୀବନୀଲତାଙ୍କ ବଗିଚା	୩୪
ଚାଷରେ କ୍ଷତି ଦ୍ରୌପଦୀଙ୍କୁ ଦେଖାଇଲା ନୂଆ ରାସ୍ତା	୩୬
କନ୍ଧମାଳ ଉତ୍ପାଦ ବ୍ୟବସାୟକୁ ନିଜ ରୋଜଗାର ସଂସ୍ଥାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ନିକୁନ୍ତ	୩୮
ପଣସ ଖଦାରୁ ଖତ ପ୍ରସ୍ତୁତ କରନ୍ତି ପୂର୍ଣ୍ଣିମା	୩୯
ମାଣ୍ଡିଆ ଜାତିୟ ଖାଦ୍ୟର ପ୍ରସାର ପାଇଁ ମିଲେଟ୍ ଶକ୍ତି ଟିଫିନ୍ ସେଂଟର୍	୪୧

ପ୍ରାକୃତିକ କୃଷିର ଗନ୍ତାଘର – କନ୍ଧମାଳ

ବର୍ତ୍ତମାନ ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ କନ୍ଧମାଳ ଜିଲ୍ଲାର ଉତ୍ପାଦିତ ଫସଲ ଗୁଡିକର ଚାହିଦା ବୃଦ୍ଧି ପାଇଛି । କନ୍ଧମାଳ ହଳଦୀ ଓ ଅଦା ଇୟୁରୋପ ଓ ଉତ୍ତର ଆମେରିକୀୟ ରାଷ୍ଟ୍ରର ବଜାର ଗୁଡିକରେ ଆଦୃତ ହେବା ସହ କନ୍ଧମାଳର ଉତ୍ପାଦିତ ବିନ୍‌ସ, କୋବି, ମଟର ଛୁଇଁ, ବାଇଗଣ, ଲଙ୍କା, ପାଲୁଅ ଆଦି ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ନାଁ କରିଛି । ଏହାର ପ୍ରଧାନ କାରଣଟି ହେଉଛି ଏହି ସବୁ ଫସଲରେ ରାସାୟନୀକ ବ୍ୟବହାର ବହୁତ କମ୍ ଏବଂ ସେଥିପାଇଁ ସେଗୁଡିକର ଖାଦ୍ୟଗୁଣ ଓ ସ୍ୱାଦରେ ପ୍ରାକୃତିକତା ବଜାୟ ରହୁଛି । ମୋଟାମୋଟି କହିବାକୁ ଗଲେ ଏବେ ସୁଦ୍ଧା ଏହି ଅଂଚଳରେ ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦିଆହୋଇଆସୁଛି ଏବଂ ଅଂଚଳର ଚାଷୀମାନେ ବଜାର ଉପଯୋଗୀ ଚାଷ କରୁଥିଲେ ମଧ୍ୟ ପ୍ରାକୃତିକ ପ୍ରଣାଳୀରେ ଚାଷ କରିଆସୁଛନ୍ତି । ବର୍ତ୍ତମାନ ବଜାର ପ୍ରାୟୋଜିତ କୃଷି ଅନେକ ଅଂଚଳରୁ କୃଷି ପାଇଁ ଆବଶ୍ୟକୀୟ ସାଧନକୁ ଅପହରଣ କରିନେଇଥିବା ଏବଂ କୃଷକର ସ୍ୱାଧିନତାକୁ ଅପହରଣ କରିନେଇଥିବା ସ୍ଥଳେ କନ୍ଧମାଳ ଚାଷୀମାନେ ତଥାପି ସେସବୁ ବଂଚାଇ ରଖିଛନ୍ତି । ତେବେ ଏହି ଅଂଚଳରେ ପ୍ରାକୃତିକ କୃଷି ବ୍ୟବସ୍ଥା ତିଷ୍ଠି ରହିବା ପଛରେ ଯେଉଁସବୁ କାରଣ ଗୁଡିକ ନିହିତ ସେଗୁଡିକ ହେଲା –

ଜଙ୍ଗଲ ସଂପଦ

ଜିଲ୍ଲାର ୭୦ ଭାଗରୁ ଅଧିକ ଅଂଚଳ ଜଙ୍ଗଲ ହୋଇଥିବାବେଳେ ମାତ୍ର ୨୩ ପ୍ରତିଶତ ଜମି ଚାଷ ଉପଯୋଗୀ ଏବଂ ୧୬ ପ୍ରତିଶତ ଜମିରେ ନୀୟମିତ ଚାଷ ହୋଇଥାଏ । ଜମିର ଉର୍ବରତା, ଆର୍ଦ୍ରତାର ଆଧାର ହିସାବରେ ଜଙ୍ଗଲ ବେଶ୍ ସହାୟକ ହୋଇଥାଏ । ଜମିସବୁ ଜଙ୍ଗଲ ତଳି ଅଂଚଳରେ ଅବସ୍ଥିତ ଥିବାରୁ ଜଙ୍ଗଲୀ ପଟୁପାଣି ମାଟିକୁ ଉର୍ବର କରିଥାଏ । ଜଙ୍ଗଲ ଯୋଗୁଁ ନାଳ ଓ ଝରଣା ଆଦିରେ ପାଣି ସଂରକ୍ଷିତ ରହିବା ସହ ତଳ ଅଂଚଳ ଜମିର ଆର୍ଦ୍ରତା ଓ ଜଳପତ୍ତନ ସମୃଦ୍ଧ ରହେ । ପଶୁଜନ୍ତୁ ପାଳନ, ଚାଷ ପାଇଁ ଆବଶ୍ୟକୀୟ ଉପକରଣ, ରଂଜା, ବାଡ ଓ ଛାମୁଣ୍ଡିଆ ଆଦି ପାଇଁ ଡାଳ, ଅଦା, ହଳଦୀ ଆଦିରେ

ଘୋଡାଇବା ପାଇଁ ଡାଳ ଆଦି ସହଜରେ ମିଳିଥାଏ । ଅଂଚଳର ତାପମାତ୍ରା ନିୟନ୍ତ୍ରଣ କରିବା ଓ ଥଣ୍ଡା ରଖିବାରେ ଜଙ୍ଗଲ ବିଶେଷ ସହାୟକ ହୋଇଥାଏ । ଫସଲର ରୋଗପୋକ ନିୟନ୍ତ୍ରଣରେ ମଧ୍ୟ ଜଙ୍ଗଲର ଭୂମିକା ରହିଛି । ଜଙ୍ଗଲ ଭରି ରହିଥିବାରୁ ଅନେକ କୀଟପତଙ୍ଗ, ପକ୍ଷୀ ଆଦି ରହନ୍ତି ଏବଂ ପ୍ରାକୃତିକ ଉପାୟରେ ରୋଗପୋକ ନିୟନ୍ତ୍ରଣ ହୋଇଥାଏ ।

ପଶୁ ସଂପଦ

ଆଧୁନିକ କୃଷି ବା ବଜାର ପ୍ରଭାବିତ କୃଷି ଆମର ପଶୁ ସଂପଦ ଉପରେ ବିଶେଷ ପ୍ରତିକୂଳ ପ୍ରଭାବ ପକାଇଛି । କୃଷିରେ ଯାନ୍ତ୍ରିକ ବ୍ୟବହାରର ପ୍ରାଧାନ୍ୟ ଏବଂ ରାସାୟନୀକ ସାର ପ୍ରୟୋଗ ଯୋଗୁଁ ଚାଷ ପାଇଁ ଅତ୍ୟାବଶ୍ୟକୀୟ ଗୋସଂପଦର ଅବକ୍ଷୟ ହୋଇଛି । ଆଦିବାସୀ ବହୁଳ ଜିଲ୍ଲା ଗୁଡିକୁ ଛାଡିଦେଲେ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଚାଷୀମାନଙ୍କର ହଳ ବଳଦ ପ୍ରାୟତଃ ନାହିଁ କହିଲେ ଚଳେ । ସେହିପରି ଖତ ଗୋବର ପାଇଁ ଗାଈ ଟିଏ ବି ନାହିଁ । ଚାଷକୁ ବଜାରଭିତ୍ତିକ କରିବା ଏବଂ ଚାରଣ ଭୂଇଁର ହ୍ରାସ ଏହାର ପ୍ରଧାନ କାରଣ । ତେବେ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ନିକଟରେ ଏବେମଧ୍ୟ ଗାଈ, ଛେଳି, ମଇଁଷି ଆଦି ଗୋ ସଂପଦ ଭରପୁର ରହିଛି । ଜଙ୍ଗଲ ବହୁଳ ଅଂଚଳ ହୋଇଥିବାରୁ ସେମାନଙ୍କ ପାଳିବା ବିଶେଷ ଅସୁବିଧା ହୁଏ ନାହିଁ । ଗାଁ ଗୁଡିକରେ ଅଧିକ ଗୋସଂପଦ ରହିଥିବାରୁ ଜମିରେ ପ୍ରୟୋଗ ପାଇଁ ଆବଶ୍ୟକୀୟ ଖତ ଗୋବର ମିଳିପାରୁଛି । ଏହା ଚାଷୀମାନଙ୍କୁ ରାସାୟନୀକ ପ୍ରୟୋଗ ପ୍ରତି ଅନାଗ୍ରହ ଏବଂ ଜୈବିକ ପ୍ରୟୋଗ ପ୍ରତି ଆଗ୍ରହ ସୃଷ୍ଟି କରାଉଛି ।

ଫସଲ ବିବିଧତା

ଫସଲ ବିବିଧତା ଚାଷୀ ସାର୍ବଭୌମତ୍ୱର ଏକ ଆଧାର ହୋଇଥିବାବେଳେ ପ୍ରାକୃତିକ କୃଷିର ଏକ ବଳିଷ୍ଠ ଉଦାହରଣ । ଏକ ଅଧ୍ୟୟନର ତଥ୍ୟରୁ ଜଣାପଡିଛି ଯେ ଅଧିକ ଫସଲ ବିବିଧତା ଥିବା ବା ଅଧିକ ପ୍ରକାର ଫସଲ ଚାଷ କରୁଥିବା ଜିଲ୍ଲା ମାନଙ୍କ ମଧ୍ୟରେ କନ୍ଧମାଳ ହେଉଛି ପ୍ରଥମ । ଏଠାରେ ଖାଦ୍ୟଶସ୍ୟ, ପନିପରିବା, ଡାଲି ଜାତିୟ, ତୈଳବୀଜ, ଫଳ ଜାତୀୟ. କନ୍ଦା ଜାତିୟ, ମସଲା ଜାତିୟ ଅନେକ ପ୍ରକାର ଫସଲ ଚାଷ କରାଯାଇଥାଏ । ଅଧୁନିକ କୃଷିକୁ ଆପଣେଇଥିବା ଜିଲ୍ଲା ସବୁ, ଯେଉଁଠି କୃଷି ଭିତ୍ତିଭୂମିର ବହୁଳ ବିକାଶ ହୋଇଛି, ଜଳସେଚନ, ଆଧୁନିକ କୃଷି ଯନ୍ତ୍ରପାତି, ଉନ୍ନତ ବିହନ, ରାସାୟନୀକ ବ୍ୟବହାର ଆଦି ବହୁଳ ବ୍ୟବହାର ହେଉଛି ସେଠାରେ ଫସଲ ବିବିଧତା ଲୋପ ପାଇ ୨/୩ ପ୍ରକାର ଫସଲରେ ସିମୀତ ହୋଇଯାଇଛି । ତେବେ କନ୍ଧମାଳର ଏହି ଫସଲ ବିବିଧତାର ସୁରକ୍ଷା ଏଠାକାର ପ୍ରାକୃତିକ ଓ ପାରଂପରିକ କୃଷି ପ୍ରଣାଳୀର ଏକ ପ୍ରତିଫଳନ । ଏଠାକାର ଚାଷୀମାନେ ସମସ୍ତ ଖାଦ୍ୟ ଆବଶ୍ୟକତା କୃଷିରୁ ଉତ୍ପାଦନ କରିବା ପାଇଁ ଗୁରୁତ୍ୱ ଦେଇଥାନ୍ତି । ତଦନୁଯାୟୀ ସେମାନେ ବିଭିନ୍ନ ପ୍ରକାର ଫସଲ ମିଶ୍ରିତ ଭାବେ କରନ୍ତି । ନିଜେ ଚାଷ କରୁଥିବା ଫସଲର ବିହନ ସାଇତି ରଖିଥାନ୍ତି ।

ମାନବ ସମ୍ବଳ

କୃଷିର ପ୍ରାକୃତିକତାକୁ ସୁରକ୍ଷା ଦେବାପାଇଁ ଚାଷୀର କୃଷିଗତ ପ୍ରାଧାନ୍ୟ ଏବଂ ମାନବ ସମ୍ବଳ ଓ ପାରଂପରିକ ଜ୍ଞାନକୌଶଳର ଏକ ବିଶେଷ ଭୂମିକା ରହିଛି । କନ୍ଧମାଳ ଜିଲ୍ଲାରେ କୃଷି ହିଁ ମୁଖ୍ୟ ଓ ପ୍ରଧାନ ଜିବିକା ସଂସ୍ଥାନ । ଏଠାରେ କୌଣସି ଶିଳ୍ପ ବା ଖଣି ଆଦି ରୋଜଗାର ବ୍ୟବସ୍ଥା ନଥିବାରୁ ଲୋକମାନେ ନିଜର ଉପାର୍ଜନ ପାଇଁ ଚାଷ ଉପରେ ଅଧିକ ନିର୍ଭରଶୀଳ । ଯଦିଚବା ବାହାର ଅଂଚଳକୁ ରୋଜଗାର ଅନ୍ୱେଷଣରେ ଚାଲି ଯାଉଥିବା ଲୋକମାନଙ୍କ ସଂଖ୍ୟା ଏଠାରେ ଅଧିକ ତଥାପି ଯେଉଁମାନେ ରହନ୍ତି ସେମାନେ ଚାଷକୁ ହିଁ ବେଶୀ ଗୁରୁତ୍ୱ ଦେଇଥାନ୍ତି । ତେଣୁ ପାରଂପରିକ ଭାବେ ସେମାନେ ଚାଷଜ୍ଞାନରେ ସମୃଦ୍ଧ ଥାଆନ୍ତି ଏବଂ ଚାଷ ପ୍ରତି ବିଶେଷ ଯତ୍ନବାନ ଥାଆନ୍ତି ।

ଏହି ଧାରାର ସୁରକ୍ଷା ଜରୁରୀ

ବର୍ତ୍ତମାନ ସମୟରେ ଦେଖା ଦେଉଥିବା ଜଳବାୟୁ ସଂକଟ, ଖାଦ୍ୟ ସୁରକ୍ଷା ଓ ପୁଷ୍ଟି ସୁରକ୍ଷାର ସଂକଟ ଏବଂ ବଜାର ଭିତ୍ତିକ କୃଷିର ପ୍ରଭାବ ଆଦିକୁ ବିଚାରକୁ ନେଇ କନ୍ଧମାଳର ଏହି ପ୍ରାକୃତିକ କୃଷିର ଧାରାକୁ ସୁରକ୍ଷା ଓ ଅକ୍ଷୁର୍ଣ୍ଣ ରଖିବାର ଜରୁରୀ ଆବଶ୍ୟକତା ରହିଛି । କନ୍ଧମାଳ ଉତ୍ପାଦ ଗୁଡିକର ଚାହିଦା ଓ ଆଦୃତି କେବଳ ଏହାର ସ୍ୱାଦ ଓ ଗୁଣ ଯୋଗୁଁ ସମ୍ଭବ ହୋଇ ପାରିଛି । ତେଣୁ ଚାଷୀମାନେ ଏହା ବୁଝି ତାକୁ ସୁରକ୍ଷା ଦେବା ଜରୁରୀ । ଏହାଛଡା ଚାଷୀମାନଙ୍କର ଏହି ଶୁଦ୍ଧ ସତେଜ ଉତ୍ପାଦ ଗୁଡିକର ବଜାର ବ୍ୟବସ୍ଥା ଦିଗରେ ଦୃଷ୍ଟି ଦିଆଯିବା ଦରକାର । ବର୍ତ୍ତମାନ କସମ ଓ ଓମ୍‌ଫେଡ୍ ପରି କିଛି ସଂସ୍ଥା କିଛି ନିର୍ଦ୍ଦିଷ୍ଟ ଜିନିଷର କିଣାବିକା କରୁଥିଲେ ମଧ ତାହା ପର୍ଯ୍ୟାପ୍ତ ନୁହେଁ । ଚାଷୀମାନେ ବ୍ୟବସାୟୀ ମାନଙ୍କ ଶୋଷଣର ଶିକାର ହେଉଛନ୍ତି ଏବଂ ନିଜ ଉତ୍ପାଦିତ ସାମଗ୍ରୀ ବହୁତ କମ୍ ଦରରେ ବିକ୍ରି କରି କ୍ଷତିର ସମ୍ମୁଖିନ ହେଉଛନ୍ତି । ଏହା ଚାଷୀମାନଙ୍କୁ ବିଶେଷ ଭାବେ ନିରୁତ୍ସାହିତ କରୁଛି ।

ସ୍ୱାତୀ ତରଫରୁ କନ୍ଧମାଳର ପନିପରିବା ଗୁଡିକ ବିକ୍ରି ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି । ଚାଷୀମାନଙ୍କୁ ସଂଗଠିତ କରି କୃଷକ ଉତ୍ପାଦକ ସଂଘ ଗଢାଯାଇଛି ଏବଂ ସେମାନଙ୍କ ଜରିଆରେ ବିଭିନ୍ନ ଜିନିଷର ବଜାର ବ୍ୟବସ୍ଥା ପାଇଁ ଉଦ୍ୟମ କରାଯାଉଛି । ସେହିପରି ଜିଲ୍ଲାର କିଛି ସ୍ଥାନରେ କନ୍ଧମାଳ ଫ୍ରେସ୍ ମାନ ଖୋଲା ଯାଇ ପନିପରିବା ବିକ୍ରିର ବ୍ୟବସ୍ଥା କରାଯାଉଛି । ଏହିଭଳି ଉଦ୍ୟମ ବ୍ୟାପକ ଭାବେ କରାଗଲେ ଚାଷୀମାନେ ନିଜର ଏହି ସ୍ୱତନ୍ତ୍ର ଉତ୍ପାଦ ଗୁଡିକର ଉପଯୁକ୍ତ ମୂଲ୍ୟ ପାଇପାରିବେ ।

କନ୍ଧମାଳ ହଳଦୀର କାହାଣୀ

ସାରା ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟ ଜୈବ ଉତ୍ପାଦ ବଜାରରେ କନ୍ଧମାଳ ହଳଦୀର ବିଶେଷ ଚାହିଦା ଓ ମହତ୍ତ୍ୱ ରହିଛି । ଗତ ୨୦୧୯ ମସିହାରେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଉଥିବା ଜି.ଆଇ ଟ୍ୟାଗ୍ ମାନ୍ୟତା ମଧ୍ୟ ଏହା ହାସଲ କରିଛି । କନ୍ଧମାଳ ହଳଦୀର ରଙ୍ଗ, ବାସ୍ନା, ଔଷଧୀୟ ଗୁଣ ଓ ସର୍ବୋପରି ଏହା ପ୍ରାକୃତିକ ଓ ଜୈବ ପଦ୍ଧତିର ଉତ୍ପାଦନ ପାଇଁ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ସାରା ପୃଥିବୀରେ ଯେତେ ହଳଦୀ ଉତ୍ପାଦନ ହୁଏ ସେଥିରୁ ପ୍ରାୟ ୮୦ ପ୍ରତିଶତ ହଳଦୀ ଭାରତରେ ଉତ୍ପାଦନ ହୋଇଥାଏ । ଦେଶର ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଓଡିଶା ଓ ପଶ୍ଚିମବଙ୍ଗ ଆଦି ରାଜ୍ୟରେ ମୁଖ୍ୟତଃ ହଳଦୀ ଚାଷ କରାଯାଇଥାଏ । ଓଡିଶାରୁ ଭାରତର ୨୧ ପ୍ରତିଶତ ହଳଦୀ ଉତ୍ପାଦନ ହୋଇଥାଏ । କନ୍ଧମାଳ ସମେତ କୋରାପୁଟ, ନୟାଗଡ, ରାୟଗଡା, ମୟୁରଭଞ୍ଜ, କେଉଁଝର ଓ ସୁନ୍ଦରଗଡ ଆଦି ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ବହୁଳ ଭାବେ ହଳଦୀ ଚାଷ କରାଯାଇଥାଏ । ତେବେ ଓଡିଶାର ୫୦ ପ୍ରତିଶତ ହଳଦୀ କେବଳ କନ୍ଧମାଳରୁ ହିଁ ଉତ୍ପାଦନ ହୋଇଥାଏ ।

କନ୍ଧମାଳରେ ହଳଦୀ ଚାଷର କାହାଣୀ କାହିଁ କେତେକାଳର ପୁରୁଣା । ସମ୍ଭବତଃ ସ୍ଥାନୀୟ କନ୍ଧ ଆଦିବାସୀ ମାନେ ନିଜର ପାରଂପରିକ ଫସଲ ସହ ଏକ ଆୟବର୍ଦ୍ଧକ ଫସଲ ହିସାବରେ ଏହାକୁ ଚାଷ କରୁଥିଲେ । କନ୍ଧମାଳର ଜମି ସବୁ ଅଧିକାଂଶରେ ଢେପ ଓ ପଦର କିସମ ହେଲେ ମଧ୍ୟ ଘଂଚ ଜଙ୍ଗଲ ପରିବେଷ୍ଟନୀ ଯୋଗୁଁ ମାଟି ବେଶ୍ ଉର୍ବର । ଆଗରୁ ଲୋକମାନେ ଧାନ ଚାଷ ସହ ମକା, ମାଣ୍ଡିଆ, କୁଏରି, ବିରି, କୋଳଥ ଆଦି ଫସଲ ମାନ କରୁଥିଲେ । ତେବେ ପରିବାରର ଖାଦ୍ୟ ଆବଶ୍ୟକତା ପାଇଁ ସେସବୁ ବିକ୍ରି କରୁନଥିଲେ । ତେଣୁ ପାରିବାରିକ ଖର୍ଚ୍ଚ ତୁଲାଇବା ପାଇଁ ଯେଉଁ ଟଙ୍କା ପଇସା ଆବଶ୍ୟକ ଥିଲା ହଳଦୀ ଚାଷରୁ ତାହା ରୋଜଗାର କରୁଥିଲେ । କନ୍ଧମାଳର ପଡୋଶୀ ଜିଲ୍ଲା ଗଞ୍ଜାମର ବ୍ରହ୍ମପୁର ଥିଲା ବଡ ବ୍ୟବସାୟିକ କେନ୍ଦ୍ର । ଏଠାରୁ ଓଡିଶା ସମେତ ଆନ୍ଧ୍ର ଓ ଦେଶର ବିଭିନ୍ନ ଅଂଚଳକୁ ଦେଶୀ ଉତ୍ପାଦ ସବୁ ସଂଗ୍ରହକରି ପଠାଯାଉଥିଲା । ତେଣୁ ଗଂଜାମର ବ୍ୟବସାୟୀମାନେ କନ୍ଧମାଳର ବିଭିନ୍ନ ଅଂଚଳ

ବୁଲି ହଳଦୀ ସଂଗ୍ରହ କରୁଥିଲେ । ହଳଦୀ ସବୁ ମସଲା, ଦେହରେ ଲଗାଇବା ଓ ଔଷଧ ପ୍ରସ୍ତୁତିରେ ଅଧିକ ଭାବେ ବ୍ୟବହାର ହେଉଥିବାରୁ ଏହାର ବହୁଳ ଚାହିଦା ରହିଥିଲା । ତେବେ କନ୍ଧମାଳ ହଳଦୀର ପ୍ରାକୃତିକ ଗୁଣ, ବାସ୍ନା ଓ ରଙ୍ଗ ଆଦିର ସ୍ୱତନ୍ତ୍ରତା ଯୋଗୁଁ ଏହାର ବଜାର ଚାହିଦା ସବୁଠୁ ଅଧିକ ଥିଲା ।

କନ୍ଧମାଳର ପରିବେଶ, ଜଳବାୟୁ ଓ ମାଟି ହଳଦୀ ଚାଷ ପାଇଁ ବେଶ୍ ଅନୁକୂଳ । ଏହା ଗଛମୂଳ ଓ ଛାଇ ଜାଗା ମାନଙ୍କରେ ହୋଇ ପାରୁଥିବାରୁ ଆଦିବାସୀ ମାନଙ୍କ ପଣସ, ମହୁଲ, ଆମ୍ବ, ତେନ୍ତୁଳି ଆଦି ଗଛ ରହିଥିବା ପଦର ଜମି ଗୁଡିକରେ ଚାଷ ହୋଇ ପାରୁଥିଲା । ଏହା ପାଇଁ ଜଳ ସେଚନର କୌଣସି ଆବଶ୍ୟକତା ନଥିଲା ଏବଂ ଚାଷ ପାଇଁ ଆବଶ୍ୟକୀୟ ଡାଳ ପତ୍ର ସହଜରେ ଜଙ୍ଗଲରୁ ମିଳି ପାରୁଥିଲା । କନ୍ଧମାଳ ଚାଷୀମାନେ ଆଗରୁ ଗୋଧି ସିଙ୍ଗାଙ୍ଗା ବା ଗୋଧି ହଳଦୀ, ଦେଶୀ ହଳଦୀ, କନ୍ଦା ହଳଦୀ ଓ କୃଷ୍ଣ ହଳଦୀ ଆଦି ଦେଶୀ କିସମ ହଳଦୀ ଚାଷ କରୁଥିଲେ । ଗୋଧି ହଳଦୀ ଅଧିକ ରଙ୍ଗ ହେଉଥିବାବେଳେ ଦେଶୀ ହଳଦୀରେ ଅଧିକ ତେଲ ଅଂଶ ରହୁଥିଲା । କନ୍ଦା ହଳଦୀ ଓ କୃଷ୍ଣ ହଳଦୀ ଔଷଧ ପ୍ରସ୍ତୁତିରେ ବ୍ୟବହୃତ ହେଉଥିଲା ।

ହଳଦୀ ଚାଷ ପାଇଁ ଚାଷୀମାନେ ଜମିକୁ ଦୁଇ ତିନି ଓଡ ଖରାଟିଆ ଚାଷ କରି ଅପ୍ରେଲ ଓ ମେ ମାସ ବେଳକୁ ହଳଦୀ ଲଗାଇ ଦିଅନ୍ତି । ହଳଦୀ ଅମଳ ବେଳେ ଚାଷୀମାନେ ମୁଣ୍ଡା ସବୁ ଅଲଗା ବାଛି ବିହନ ପାଇଁ ରଖି ଥାନ୍ତି । ଗଛ ମୂଳେ ବା ଛାଇ ଜାଗାରେ ଏକ ଗାତ ଖୋଳି ସେଥିରେ ବିହନ ସବୁ ରଖି ତା ଉପରେ ଶାଳ ପତ୍ର ଓ ହଳଦୀ ପତ୍ର ଦେଇ ମାଟି ଓ ଗୋବର ଲିପି ଦିଅନ୍ତି । ଫଳରେ ତା ଭିତରକୁ ପାଣି ପଶେନାହିଁ ବା ପୋକ କୀଟ ଆଦି ଲାଗନ୍ତି ନାହିଁ । ୨/୩ ମାସ ପରେ ହଳଦୀ ଲଗାଇବା ସମୟକୁ ତାହା ବାହାର କରି ଜମିରେ ଲଗାନ୍ତି । ହଳଦୀ ଚାଷ ଜମିକୁ ଭଲ ଭାବେ ଚାଷ କରି ମାଟି ଗୁଣ୍ଡ କରନ୍ତି । ସେଥିରେ ଗୋବର ଓ କମ୍ପୋଷ୍ଟ ଆଦି ଖତ ଦିଅନ୍ତି । ଖରାଦିନିଆ ଅସ୍ରାଏ ଦି ଅସ୍ରା ବର୍ଷା ପରେ ହଳଦୀ ଲଗାଇବା ଆରମ୍ଭ କରି ଦିଅନ୍ତି । ହଳ ସାହାଯ୍ୟରେ ଜମିରେ ସିଆର କାଟି ସେଥିରେ ବିହନ ମୁଣ୍ଡା ସବୁ ପକାନ୍ତି । ଗଛ ମଧ୍ୟରେ ଓ ସିଆର ମଧ୍ୟରେ ଦୂରତା ପ୍ରାୟ ୧ ଫୁଟ ରହେ । ବିହନ ଲଗାଇବା ପରେ ଏହା ଉପରେ ଡାଳ ସବୁ ଘୋଡାଇ ଦିଅନ୍ତି । ଏହି ଡାଳ ଘୋଡାଇବା ଦ୍ୱାରା ଅନେକ ଉପକାର ମିଳିଥାଏ । ପ୍ରଥମତଃ ବିହନ ଗୁଡିକୁ ଗଜା ହୋଇ ଗଛ ଉଠିବାରେ ଆବଶ୍ୟକୀୟ ଛାଇ ଓ ଉଷ୍ମତା ମିଳେ । ଦ୍ୱିତୀୟତଃ ଏଥିରେ ଘାସ ଗୁଳ୍ମ ଆଦି ଉଠେ ନାହିଁ । ଏହାଛଡା ଡାଳ ଗୁଡିକ ଧିରେ ଧିରେ ପଚି ସଢି ଖତରେ ପରିଣତ ହୁଏ ଓ ହଳଦୀ କ୍ଷେତକୁ ବଳ ଯୋଗାଏ । ହଳଦୀ ଚାଷ ପାଇଁ ପ୍ରତି ବର୍ଷେ ଦୁଇବର୍ଷରେ ଜମି ବଦଳାଇବାକୁ ପଡିଥାଏ ।

ସାତ ରୁ ଆଠ ମାସ ସମୟ ପରେ ହଳଦୀ ଖୋଳା ହୁଏ । ସାଧାରଣତଃ ଜାନୁୟାରୀ ମାସ ବେଳକୁ ଧାନ ଅମଳ ପରେ ଚାଷୀମାନେ ହଳଦୀ ଖୋଳିବାକୁ ବାହାରନ୍ତି । ସେତେବେଳକୁ ହଳଦୀ ଗଛ ସବୁ ଶୁଖି ସାରିଥାଏ । ଚାଷୀମାନେ କୋଦାଳ ସାହାଯ୍ୟରେ ହଳଦୀ ସବୁ ଖୋଳି ବାହାର କରନ୍ତି । ସେଥିରୁ ଚେର ଓ ମାଟି ଆଦି ସଫା କରି ମୁଣ୍ଡା ହଳଦୀ ଓ ପୁଆ ହଳଦୀକୁ ଅଲଗା କରି ଦିଅନ୍ତି । ଏହାକୁ ୨/୩ ଦିନ ଗଛ ତଳେ ଛାଇରେ ରଖି ଦିଅନ୍ତି ।

ପୁଆ ହଳଦୀ ଗୁଡିକୁ ବଡ ରସ ହଣ୍ଡାରେ ପୁରାଇ ପାଣିରେ ପ୍ରାୟ ଘଂଟାଏ ପର୍ଯ୍ୟନ୍ତ ସିଝାଇ ଦିଆଯାଏ । ପୁଆ ଗୁଡିକ ସିଝି ନରମ ହୋଇଗଲେ ଏବଂ ତାର ଭିତର ଅଂଶ ହଳଦୀ ରଙ୍ଗ ପଡିଗଲେ ତାହା ଭଲ ଭାବେ ସିଝିଲା ବୋଲି ଜାଣନ୍ତି । ହଳଦୀ ସିଝିଗଲେ ତାର ଉପର ଗୋପା ଧଳା ପଡିଯାଏ ଏବଂ ଏକ ସୁଗନ୍ଧ ଆସେ । ହଳଦୀର ରଙ୍ଗ ଆସିବା ଏହାର ଏହି ସିଝିବା ପ୍ରକ୍ରିୟାକରଣ ଉପରେ ନିର୍ଭର କରେ । ସିଝିଯିବା ପରେ ହଳଦୀ ସବୁକୁ ବାଉଁଶ ଚଟେଇ ବା ଚାଂଚରେ ସୁଖାଇ ଦିଆଯାଏ । ଏହା ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶୁଖିବା ଯାଏ ଖରାରେ ଶୁଖାଯାଇଥାଏ । ପ୍ରତିଦିନ ରାତିରେ ହଳଦୀ ସବୁ ତୋଳି ଗଦା କରି ଡାଳ ଘୋଡାଇ ଦିଆଯାଏ ଏବଂ ପରଦିନ ଖରାରେ ଶୁଖାଯାଏ । ହଳଦୀ ଗୁଡିକ ସଂପୂର୍ଣ୍ଣ ଶୁଖି ଟାଣ ହୋଇଯାଏ । ସେଥିରେ ଟିକିଏ ମଧ୍ୟ ନରମ ଯେପରି ନରୁହେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଏ ।

କନ୍ଧମାଳ ହଳଦୀର ସ୍ୱାତନ୍ତ୍ରତା ଓ ଚାହିଦାକୁ ଦେଖି ଏହାକୁ ବିଶ୍ୱ ବଜାରରେ ଅଧିକ ପ୍ରସାର କରିବା ପାଇଁ ୧୯୯୮ ମସିହାରେ କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏସନ୍ ଫର୍ ମାର୍କେଟିଙ୍ଗ – କସମ୍ ଗଠିତ ହେଲା । ଏହା ହଳଦୀ ଚାଷୀ ଓ ମହିଳା ଦଳ ମାନଙ୍କୁ ସଂଗଠିତ କରି ଜୈବିକ ପଦ୍ଧତିରେ ହଳଦୀ ଚାଷ ପାଇଁ ଉଦ୍ୟମ କଲା । ଏହା ଚାଷୀ ମାନଙ୍କୁ ସ୍ଥିରିକୃତ ମୂଲ୍ୟ ଯୋଗାଇ ଦେବା ସହ ଚାଷରେ କୌଣସି ରାସାୟନିକ ପ୍ରୟୋଗ ନକରି ଜୈବିକ ପଦ୍ଧତିରେ ଚାଷ କରିବାକୁ ଉତ୍ସାହିତ କଲା । ଚାଷୀମାନଙ୍କୁ ଏହା ଉନ୍ନତ କିସମ ବିହନ ଯୋଗାଇବା ସହ ଜୈବିକ ଖତସାର ପ୍ରସ୍ତୁତି କୌଶଳରେ ପ୍ରଶିକ୍ଷଣ ଦେଲା । କସମ ହଲାଣ୍ଡର ସ୍କାଲ୍ ସଂସ୍ଥା ସହ ଚୁକ୍ତିବଦ୍ଧ ହୋଇ ୨୦୦୦ ମସିହାରେ ହଳଦୀର ଜୈବିକ ପ୍ରମାଣପତ୍ର – "ଇକୋ" ହାସଲ କରିବା ଦ୍ୱାରା କନ୍ଧମାଳ ହଳଦୀ ବିଦେଶକୁ ରପ୍ତାନୀ ଆହୁରି ସୁଗମ ହୋଇ ପାରିଛି । ବାର୍ଷିକ ପ୍ରାୟ ୨ କୋଟି ଟଙ୍କା ମୂଲ୍ୟର ହଳଦୀ ବିଦେଶକୁ ରପ୍ତାନୀ ହେଉଛି । କନ୍ଧମାଳର ହଳଦୀ ୟୁରୋପ ଓ ଉତ୍ତର ଆମେରିକୀୟ ଦେଶ ଗୁଡିକରେ ବିଶେଷ ଭାବେ ଆଦୃତ ହୋଇପାରିଛି । ଏହାର ଚାହିଦାକୁ ଦେଖି ଓଡାଫ୍ ଓ ଓମ୍‌ଫେଡ୍ ଆଦି ସଂସ୍ଥା ଗୁଡିକ ମଧ୍ୟ ଜୈବିକ ହଳଦୀ ସଂଗ୍ରହ ଓ ବ୍ୟବସାୟ ଉପରେ ଗୁରୁତ୍ୱ ଦେଉଛନ୍ତି । ବର୍ତ୍ତମାନ ଏହି ଜୈବିକ ହଳଦୀ ଚାଷ କନ୍ଧମାଳ ଚାଷୀଙ୍କ ଏକ ମୁଖ୍ୟ ଅର୍ଥକରୀ ଫସଲ ଏବଂ କୃଷି ଭିତ୍ତିକ ରୋଜଗାରର ମୁଖ୍ୟ ଉତ୍ସ ପାଲଟିଛି ।

ତେବେ ଗତ କିଛି ବର୍ଷ ହେବ ହଳଦୀ ସଂଗ୍ରହ ଓ କିଣାବିକାର ଅବ୍ୟବସ୍ଥା ତଥା ଉପଯୁକ୍ତ ମୂଲ୍ୟ ନପାଇବା ଯୋଗୁଁ ଚାଷୀମାନଙ୍କର ଏଥିପ୍ରତି ଆଗ୍ରହ କମି କମି ଆସୁଛି । ରଙ୍ଗ, ରଶ୍ମୀ, ନାଗାର୍ଜୁନ, ରୋମା, ସୁରମା ଆଦି ଅଧିକ ଅମଳକ୍ଷମ ବିହନ ମାନ ପ୍ରସାରିତ ହେଉଥିଲେ ମଧ୍ୟ ଚାଷୀମାନେ ଦେଶୀ ବିହନ ହିଁ ଅଧିକାଂଶରେ ବ୍ୟବହାର କରୁଛନ୍ତି । କାରଣ ଏଥିରୁ ଅଧିକ ଅମଳ ମିଳୁଛି । ହଳଦୀ ଚାଷର ଅଧିକ ପ୍ରସାର ପାଇଁ ଏହାର ବଜାର ବ୍ୟବସ୍ଥା ସହ ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ନିତାନ୍ତ ଆବଶ୍ୟକ । ସାରା ଦେଶ ତଥା ଆନ୍ତର୍ଜାତୀୟ ବଜାରରେ ହଳଦୀର ବ୍ୟବହାର ଓ ଚାହିଦା ବେଶ୍ ଅଧିକ । ଘରୋଇ ବ୍ୟବହାରଠୁ ଆରମ୍ଭ କରି ଔଷଧ, କସ୍‌ମେଟିକ୍ ଓ ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ଆଦି ଅନେକ କ୍ଷେତ୍ରରେ ଏହା ବ୍ୟବହୃତ ହୋଇଥାଏ । ଏହାର ଚାହିଦାକୁ ନଜର ରଖି ବ୍ୟବସାୟିକ କମ୍ପାନୀ ମାନେ ଏଥିରୁ ବହୁଳ ଭାବେ ମୁନାଫା ଉଠାଇ ଚାଲିଛନ୍ତି ଏବଂ ଉତ୍ପାଦକ ଚାଷୀମାନେ ପ୍ରକୃତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଏହାର ସ୍ଥାୟିତ୍ୱ ଓ ଅଭିବୃଦ୍ଧି ପାଇଁ ସରକାର ଗୁରୁତ୍ୱ ଦେବା ଜରୁରୀ । ହଳଦୀ ଚାଷ ହିଁ କନ୍ଧମାଳ ଚାଷୀଙ୍କୁ ସାରା ବିଶ୍ୱରେ ପ୍ରାକୃତିକ ଓ ଜୈବିକ ଚାଷୀ ହିସାବରେ ପରିଚିତ କରାଇ ପାରିଛି । ଏହି ଚାଷର ପ୍ରାକୃତିକତା ଓ ଜୈବିକ ଚାଷ ପ୍ରକ୍ରିୟାର ସୁରକ୍ଷା ହିଁ ଚାଷୀ ମାନଙ୍କ ଦାୟିତ୍ୱ ଓ ସଂକଳ୍ପ ହେବା ଆବଶ୍ୟକ ।

ରାଇକିଆ ବିନ୍‌ସର ସ୍ୱତନ୍ତ୍ରତା

ଓଡିଶାର ଖାଦ୍ୟ ବଜାରରେ ବେଶ୍ ନାଁ ରହିଛି ରାଇକିଆ ବିନ୍‌ସର । ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଆଦିର ପରିବା ବଜାରରେ ଖାଉଟି ମାନେ ରାଇକିଆ ବିନ୍‌ସ ଖୋଜି ବୁଲନ୍ତି । ଏହି ବିନ୍‌ସ ଲମ୍ବା, ମାଂସଳ ଓ ବେଶ୍ ସ୍ୱାଦିଷ୍ଟ । ତାଛଡା ଏହାର ଅନ୍ୟ ଏକ ବିଶେଷତ୍ୱ ହେଲା ଏଥିରେ କୌଣସି ରାସାୟନିକ ସାର ବା ଔଷଧ ପ୍ରୟୋଗ ହେଉନଥିବା ଯୋଗୁଁ ଏହାର ସ୍ୱାଦ ଓ ବାସ୍ନାରେ ପ୍ରାକୃତିକତା ଭରି ରହିଥାଏ ଯାହାକି ଖାଦ୍ୟରୁଚି ବଢାଇଥାଏ ।

ରାଇକିଆ, ଜି.ଉଦୟଗିରି ଓ ଟିକାବାଲି ଅଂଚଳର ଚାଷୀମାନେ ବହୁଳ ଭାବେ ଏହି ବିନ୍‌ସ ଚାଷ କରିଥାନ୍ତି । ଏହା ଏହି ଅଂଚଳର ସ୍ଥାନୀୟ ବିନ୍‌ସ ପ୍ରଜାତି ଏବଂ ପ୍ରାୟ ୬୦/୭୦ ବର୍ଷ ପୂର୍ବରୁ ଚାଷୀମାନେ ଏହି ବିନ୍‌ସ ଚାଷ କରି ଆସୁଛନ୍ତି ବୋଲି କହନ୍ତି ସ୍ଥାନୀୟ ଚାଷୀମାନେ । ସମ୍ଭବତଃ ଏହିସବୁ ଅଂଚଳରେ ମିଶନାରୀ ମାନଙ୍କ ପ୍ରଭାବ ଓ ଶିକ୍ଷାର ପ୍ରସାର ହେତୁ ଲୋକମାନଙ୍କ ଖାଦ୍ୟ ରୁଚିରେ ପରିବର୍ତ୍ତନ ଏବଂ ବଜାର ଭିତ୍ତିକ ଚାଷର ଆରମ୍ଭ ହିସାବରେ ବିନ୍‌ସ ଚାଷ ଆରମ୍ଭ ହୋଇଥିଲା । ରାଇକିଆ ଓ ଜି.ଉଦୟଗିରି ଅଂଚଳ ସହ ବ୍ରହ୍ମପୁର ସହ ସିଧାସଳଖ ସମ୍ପର୍କ ହେତୁ ଏହାର ବ୍ୟବସାୟିକ ପ୍ରସାର ଘଟିଲା । ଏବେ ଏହିସବୁ ଅଂଚଳରେ ପ୍ରାୟ ଦୁଇ ହଜାର ହେକ୍‌ଟରରୁ ଅଧିକ ଜମିରେ ବିନ୍‌ସ ଚାଷ ହେଉଛି ଏବଂ ଏବଂ ଓଡିଶା ସହ ବାହାର ରାଜ୍ୟକୁ ମଧ୍ୟ ଏହା ପଠାଯାଉଛି ।

ଏହି ଅଂଚଳର ମାଟି ଓ ପାଣିପାଗ ବିନ୍‌ସ ଚାଷ ପାଇଁ ବେଶ୍ ଉପଯୁକ୍ତ । ଚାଷୀମାନେ ବର୍ଷକୁ ପ୍ରାୟ ଦୁଇଥର ବର୍ଷାଦିନିଆ ଓ ଶୀତ ଦିନିଆ ଏହି ଚାଷ କରିଥାନ୍ତି । ଚାଷୀମାନେ ନିଜେ ମଂଜି ସାଇତି ରଖିଥାନ୍ତି । ଜମିକୁ ଭଲ ଭାବରେ ଚାଷ କରି ସେଥିରେ ଗୋବରଖତ ଓ କମ୍ପୋଷ୍ଟ ଆଦି ଦିଅନ୍ତି । ମଂଜି ଲଗାଇବା ବେଳେ ମଧ୍ୟ ଆଉ କିଛି ଖତ ଦିଅନ୍ତି । ଗଛ ସବୁ ୨/୩ ସପ୍ତାହର ହୋଇଗଲେ ଘାସ ବାଛି ସେଥିରେ ରଞ୍ଜା ପୋତି ଦିଅନ୍ତି । ମାସେ ଦେଢମାସ ପରେ ଫଳ ଧରିବା ଆରମ୍ଭ କରେ । ଫଳ ସବୁ ପାକଳ ହେବାକୁ ପ୍ରାୟ ୩ ମାସ ଲାଗିଯାଏ । ୨/୩ ଛେକରେ ଫଳ ସବୁ ତୋଳାଯାଏ । ହୃଷ୍ଟପୁଷ୍ଟ ଫଳ ସବୁ ବିହନ ପାଇଁ ଛାଡି ଦିଆଯାଏ । ବିନ୍‌ସରେ ଜଉ ପୋକ ଲାଗନ୍ତି । ଚାଷୀମାନେ ଗାଈ ମୁତ ଓ ନିମ୍ବ ତେଲ ଆଦି ପକାଇ ପୋକ ମାରନ୍ତି । ଚାରି ଡିସିମିଲ୍ ଜମିରେ ବିନ୍‌ସ ଚାଷ ପାଇଁ ୧ କିଲୋ ମଂଜି ଆବଶ୍ୟକ ହେଉଥିବାବେଳେ ପ୍ରାୟ ୧ କ୍ୱିଲ୍ ବିନ୍‌ସ ହୋଇଥାଏ ।

ବିନ୍‌ସ ଚାଷ ଏହି ଅଂଚଳର ଚାଷୀମାନଙ୍କର ଆୟର ଏକ ମୁଖ୍ୟ ପନ୍ଥା । ପ୍ରାୟ ପ୍ରତ୍ୟେକ ଚାଷୀ ବାର୍ଷିକ ୩୦ରୁ ୫୦ ହଜାର ଟଙ୍କା ଏହି ଚାଷରୁ ଆୟ କରିଥାନ୍ତି । ଏହି ଚାଷ ପାଇଁ ଆବଶ୍ୟକୀୟ ମଂଜି ଚାଷୀମାନେ ନିଜେ ରଖିଥାନ୍ତି ।

ଖତ କମ୍ପୋଷ୍ଟ ଆଦି ଚାଷୀ ମାନଙ୍କ ପାଖରେ ଗଚ୍ଛିତ ଥାଏ । ରଂଜା ପାଇଁ ଦରକାର ହେଉଥିବା ଝାଟି ସେମାନେ ପାଖ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି । ତେଣୁ ଚାଷ ଚାଷୀମାନଙ୍କର ଆୟ□ରେ ରହେ । ତେବେ ବର୍ତ୍ତମାନ ଚାଷୀମାନଙ୍କର ପରିବା ଚାଷ ପ୍ରତି ଆଗ୍ରହ ଦେଖି ବିହନ କମ୍ପାନୀ ଗୁଡିକ ଏହି ଅଂଚଳକୁ ଆଖି ପକାଇଲେଣି । ଚାଷୀମାନେ ବଜାରରୁ ଛବି ଦେଖି ମଂଜି କିଣିବା ଆରମ୍ଭ କଲେଣି । କୋବି, ମଟର, ବାଇଗଣ ଆଦି ପରିବା ଗୁଡିକରେ ଅଧିକ ଫଳ ପାଇବା ଲକ୍ଷ୍ୟରେ ସାର ଔଷଧ ପକାଇବା ଆରମ୍ଭ କଲେଣି । ଏହି ଅଭ୍ୟାସ ଚାଷୀମାନଙ୍କର ପ୍ରାକୃତିକ ଚାଷକୁ ନିଶ୍ଚୟ ପ୍ରଭାବିତ କରିବ । ଚାଷୀମାନେ ବଜାର ମଂଜି ବ୍ୟବହାର କଲେ ରାସାୟନିକ ପ୍ରୟୋଗ କରିବାକୁ ବାଧ ହେବେ । ଏହାଦ୍ୱାରା ଏହି ଅଂଚଳର ପରିବା ଗୁଡିକରେ ଯେଉଁ ପ୍ରାକୃତିକତା ରହିଛି ତାହା ନଷ୍ଟ ହେବ । ସ୍ୱାଦ, ବାସ୍ନା ଆଦିରେ ପରିବର୍ତ୍ତନ ଆସିବ ଏବଂ ଅଧିକ ଦିନ ସଂରକ୍ଷିତ ହୋଇ ରହି ପାରିବ ନାହିଁ । ସ୍ଥାନୀୟ ଚାଷୀ ମାନଙ୍କ ପାଇଁ ଗୌରବ ଓ ପରିଚୟ ସୃଷ୍ଟି କରିଥିବା ରାଇକିଆ ବିନ୍‌ସର ଲୋକପ୍ରିୟତା ପ୍ରଭାବିତ ହେବ । ଚାଷୀମାନେ ଏହି ଦିଗଟିକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

କନ୍ଧମାଳ କୋବିର ଆଦର

ଆଗରୁ କୋବି ଏକ ସମ୍ଭ୍ରାନ୍ତୀୟ ପରିବା ହିସାବରେ ବିବେଚିତ ହେଉଥିଲା । ବିଶେଷ କରି ଅପେକ୍ଷାକୃତ ଧନୀ ଓ ଚାକିରିଆ ପରିବାର ଲୋକମାନେ କୋବି କିଣି ଖାଇ ପାରୁଥିଲେ । ତେବେ ଗତ କିଛି ଦଶନ୍ଧି ହେବ ଓଡିଶାର ସାଧାରଣ ଲୋକଙ୍କ ଖାଦ୍ୟ ଥାଳିରେ କୋବିର ବିଭିନ୍ନ ବ୍ୟଞ୍ଜନ ନୀୟମିତ ଦେଖିବାକୁ ମିଳୁଛି । ଏହା ପଛର କାରଣଟି ହେଉଛି ଯେ ଓଡିଶାରେ କୋବି ଉତ୍ପାଦନ ବେଶ୍ ବୃଦ୍ଧି ପାଇଛି । ଚାଷୀମାନେ ଦୁଇଥର ଚାଷ କରୁଥିବାରୁ ବର୍ଷର ଅଧିକାଂଶ ସମୟରେ କୋବି ଉପଲବ୍ଧ ହୋଇ ପାରୁଛି । ଫୁଲକୋବି, ବନ୍ଧା କୋବି ଓ ଓଲ କୋବି ମଧ୍ୟରୁ ଫୁଲ ଓ ବନ୍ଧା କୋବିର ବେଶ୍ ଚାହିଦା ରହୁଛି । ସାରା

ଓଡିଶାରେ ଫୁଲକୋବି ଉତ୍ପାଦନରେ କେଉଁଝର ପରେ ଦ୍ୱିତୀୟ ସ୍ଥାନରେ ଆସୁଛି କନ୍ଧମାଳ । ସେହିପରି ବନ୍ଧାକୋବି ଉତ୍ପାଦନରେ ମଧ୍ୟ ଜଗତସିଂହପୁର ପଛକୁ ଦ୍ୱିତୀୟ ସ୍ଥାନରେ କନ୍ଧମାଳ ରହିଛି । ତେବେ ସ୍ୱାଦ ଓ ସ୍ଥାୟିତ୍ୱ

ଦୃଷ୍ଟିରୁ ଗ୍ରାହକ ମାନଙ୍କ ଭିତରେ କନ୍ଧମାଳ କୋବିର ସ୍ୱତନ୍ତ୍ର ପରିଚୟ ଓ ଚାହିଦା ରହିଛି । କାରଣ ହେଉଛି କନ୍ଧମାଳ କୋବି ଚାଷରେ କମ୍ ପରିମାଣ ରାସାୟନୀକ ବ୍ୟବହାର ଓ ପ୍ରାକୃତିକ ପ୍ରଣାଳୀର ଉତ୍ପାଦନ ଯୋଗୁଁ ଏହାର ସ୍ୱାଦ ଓ ସଂରକ୍ଷଣ ଅନ୍ୟ ଅଂଚଳର କୋବିଠାରୁ ଉନ୍ନତ ଅଟେ ।

କନ୍ଧମାଳ ଜିଲ୍ଲାର ରାଇକିଆ, ଟିକାବାଲି, ଜି.ଉଦୟଗିରି, ଫୁଲବାଣୀ, ଫିରିଙ୍ଗିଆ, କ.ନୂଆଗାଁ ଓ ବାଲିଗୁଡା ଆଦି ଅଂଚଳରେ କୋବିଚାଷ କରାଯାଇଥାଏ । ଆଗରୁ ଅଳ୍ପକିଛି ଅଂଚଳରେ ଚାଷ କରାଯାଉଥିବାବେଳେ ଗତ କୋଡିଏ ବର୍ଷ ମଧ୍ୟରେ ଏହା ଜିଲ୍ଲାର ଅଧିକାଂଶ ଅଂଚଳକୁ ବ୍ୟାପି ଯାଇଛି । ଜିଲ୍ଲାର ଜଳବାୟୁ ପରିବା ଚାଷ ପାଇଁ ବେଶ୍ ଅନୁକୂଳ ହୋଇଥିବାରୁ ଏକ ବଜାର ଉପଯୋଗୀ ପରିବା ହିସାବରେ ଚାଷୀମାନେ ଏହାକୁ ଆଦରି ନେଇଛନ୍ତି । ଜିଲ୍ଲାରେ ଅଧିକାଂଶ ଅଂଚଳରେ ଜଳସେଚନର ସୁବିଧା ନଥିବାରୁ ଏବଂ ଫସଲ କଟା ପରେ ଗାଈ ଛେଳି ଆଦି ଖୋଲା ଛାଡି ଦେଉଥିବାରୁ ଚାଷୀମାନେ ବର୍ଷାଦିନେ ହିଁ ପନିପରିବା ଚାଷ କରିଥାନ୍ତି । ଢେପ ଓ ପଦର କିସମ ଜମି ଗୁଡିକରେ କୋବି ଚାଷ କରାଯାଇଥାଏ । ଏହି ସବୁ ଜମି ଗୁଡିକ ମୁଖ୍ୟତଃ ପାହାଡ ଓ ଜଙ୍ଗଲ ତଳି ଅଂଚଳରେ ରହିଥାଏ । ତେଣୁ ଜଙ୍ଗଲର ପଟୁପାଣି ମାଡି ଏହା ଉର୍ବର ଥାଏ । ତାଛଡା ଚାଷୀମାନେ ନିଜର ଗାଈ, ମଇଁଷି ଓ ଛେଳି ଆଦି ପାଳି ଥାନ୍ତି । ସେମାନଙ୍କର ଗୋବରକୁ ଖତ ହିସାବରେ ବ୍ୟବହାର କରନ୍ତି । ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅଧିକ ପରିମାଣରେ ଛେଳି ଖତ, ଗୋବରଖତ ଓ କମ୍ପୋଷ୍ଟ ପ୍ରୟୋଗ କରନ୍ତି । ସେହିପରି ଚାରା ଲଗାଇବା ସମୟରେ ମଧ୍ୟ ଖତ ଗୋବର ଦେଇଥାନ୍ତି । ଏହାଦ୍ୱାରା ସେମାନଙ୍କୁ ଅଧିକ ରାସାୟନୀକ ସାର ଦେବାକୁ ପଡେ ନାହିଁ । ଏହି ଅଂଚଳରେ କସମ, ମାଧମ ଫାଉଣ୍ଡେସନ୍ ଓ ଓମ୍‌ଫେଡ୍ ଆଦି ସଂସ୍ଥା ଦ୍ୱାରା ଜୈବିକ ଚାଷ ପଦ୍ଧତିରେ ହଳଦୀ ଓ ପରିବା ଚାଷ ପାଇଁ ଉତ୍ସାହିତ କରାଯାଉଥିବାରୁ ଜୈବିକ ଖତସାର ଓ କୀଟନାଶକ ପ୍ରସ୍ତୁତି ସଂପର୍କରେ ପ୍ରଶିକ୍ଷଣ ଓ ସହାୟତା ମାନ ଦିଆଯାଇଛି । ତେଣୁ କୋବିରେ ରୋଗ ପୋକ ଲାଗିଲେ କେତେକ ସ୍ଥାନରେ ଚାଷୀମାନେ ନିମ୍ବ ତେଲ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରି ପ୍ରୟୋଗ କରିଥାନ୍ତି । ତେବେ ମୋଟାମୋଟି ଭାବେ ଦେଖିବାକୁ ଗଲେ ସାଧାରଣ କୋବିଚାଷରେ ଯେତିକି ରାସାୟନୀକ ସାର ଔଷଧ ପ୍ରୟୋଗ ହୋଇଥାଏ କନ୍ଧମାଳର ଚାଷୀମାନେ ତାର ୧୦ ଭାଗରୁ କମ୍ ପ୍ରୟୋଗ କରିଥାନ୍ତି । ତେଣୁ କୋବି ଗୁଡିକର ପ୍ରାକୃତିକ ଗୁଣ ଓ ସ୍ୱାଦ ଉନ୍ନତ ରହିବା ସହ ସେଗୁଡିକ ଦୀର୍ଘଦିନ ଧରି ସଂରକ୍ଷିତ ରହିଥାଏ ।

କୋବିର ବେଶ୍ ବଜାର ଚାହିଦା ରହୁଥିବାରୁ ଗତ କିଛି ଦଶନ୍ଧି ଧରି କନ୍ଧମାଳର ଶିକ୍ଷିତ ଯୁବକ ମାନେ ମଧ୍ୟ ଏହା ପ୍ରତି ଆକୃଷ୍ଟ ହେବା ଲକ୍ଷ୍ୟ କରାଯାଉଛି । ଏହା ସେମାନଙ୍କ ପାଇଁ ଏକ ରୋଜଗାର ପନ୍ଥା ହିସାବରେ ବିବେଚିତ ହୋଇ ପାରିଛି । ସେମାନେ ନିଜ ଜମିରେ କିମ୍ବା ଚାଷୀମାନଙ୍କ ଠାରୁ ଜମି ଲିଜ୍ ନେଇ ବର୍ଷାଦିନିଆ କୋବି ଚାଷ କରୁଛନ୍ତି । ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଆଦି ସହରର ବଡ ବଡ ବ୍ୟବସାୟୀମାନେ ସେମାନଙ୍କ ପାଖରେ ପହଂଚି କୋବି କିଣି ଆଣୁଛନ୍ତି । ଚାଷୀମାନେ ଗୋଟିଏ ଫସଲରେ ପଚାଶ ହଜାରରୁ ଅଧିକ ରୋଜଗାର କରିପାରୁଛନ୍ତି । ତେବେ ଯେଉଁ ପ୍ରାକୃତିକ ଗୁଣବତ୍ତାକୁ ନେଇ କନ୍ଧମାଳ କୋବିର ସୁଖ୍ୟାତି ଓ ଚାହିଦା ରହିଛି ତାହାକୁ ଚାଷୀମାନେ ବଜାୟ ରଖିଲେ ଏହାର ବଜାର ବ୍ୟବସ୍ଥା ଆହୁରି ବ୍ୟାପକ ହୋଇପାରିବ ଏବଂ ଜାତୀୟ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବ । ଏହି ଚାଷ ସ୍ଥାନୀୟ ଯୁବଗୋଷ୍ଠୀକୁ ମଧ୍ୟ ଏକ ସ୍ଥାୟୀ ରୋଜଗାର ସଂସ୍ଥାନ ଯୋଗାଇବ ।

ବନ୍ଧଗଡ ଆଳୁର ସ୍ୱାଦ

ଏବେ ଆମ ଖାଦ୍ୟ ଓ ପରିବା ବ୍ୟବହାରରେ ଆଳୁ ଏକ ବିଶେଷ ସ୍ଥାନ ଅଧିକାର କରିଛି । ଯଦିଓ ଗତ ପଚାଶ ବର୍ଷ ପୂର୍ବରୁ ଏହାର ବ୍ୟବହାର ଅତି ସୀମିତ ଥିଲା, ଏବେ ଏହା ପ୍ରତି ପରିବାର ପାଇଁ ଅତ୍ୟାବଶ୍ୟକୀୟ ପରିବା ପାଲଟି ଯାଇଛି । ରାଜ୍ୟରେ ବାର୍ଷିକ ୧୨ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ଅମଳ ହେଉଛି ମାତ୍ର ୩ଲକ୍ଷ ମେଟ୍ରିକ୍ ଟନ୍ । ଏଣୁ ଆଳୁ ପାଇଁ ଆମକୁ ପଶ୍ଚିମବଙ୍ଗ ଓ ଅନ୍ୟ ରାଜ୍ୟ ଗୁଡିକ ଉପରେ ବିଶେଷ ନିର୍ଭର କରିବାକୁ ପଡୁଛି । ରାଜ୍ୟର ପୁରୀ, କଟକ, କନ୍ଧମାଳ, ସମ୍ବଲପୁର, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲ୍ଲା ଗୁଡିକରେ ଆଳୁଚାଷ ହେଉଛି । ଆଳୁ ଏକ ନିତ୍ୟ ବ୍ୟବହାର୍ଯ୍ୟ ପରିବା ହୋଇପଡିଥିବାବେଳେ ଏହାର ଉତ୍ପାଦନ ଓ ସଂରକ୍ଷଣରେ ବହୁ ମାତ୍ରାରେ ରାସାୟନିକ ସାର ଔଷଧର ପ୍ରୟୋଗ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି ।

ଆମର ପରିବା ଡାଲାକୁ ଅକ୍ତିଆର କରି ବସିଥିବା ଏହି ଆଳୁ ପରିବାଟି କିନ୍ତୁ ଆମର ଦେଶୀୟ ପରିବା ନୁହେଁ । ଆଗରୁ ଲୋକମାନେ ଆଳୁ ବୋଲି ମାଟି ଆଳୁ ବା ଦେଶୀ ଆଳୁକୁ ହିଁ ବୁଝୁଥିଲେ । ଆଳୁ ପ୍ରଥମେ ପର୍ତୁଗୀଜ ଓ ଡଚ୍ ବ୍ୟବସାୟୀ ମାନଙ୍କ ଦ୍ୱାରା ଭାରତକୁ ଆସିଲା । ପରେ ବ୍ୟବସାୟୀକ ଲକ୍ଷ୍ୟ ନେଇ ଇଂରେଜ ମାନେ ଏହାକୁ ଭାରତରେ ବହୁଳ ଭାବେ ଚାଷ କରାଇଲେ । ତେଣୁ ଅନେକ ଏହାକୁ ବିଲାତି ଆଳୁ ହିସାବରେ ଜାଣନ୍ତି । ତେବେ ଆମ ରାଜ୍ୟର ଚାଷୀମାନେ ଆଗରୁ ପରିବା ପାଇଁ ବଜାର ଉପରେ ବିଶେଷ ନିର୍ଭର କରୁନଥିବାରୁ ଏବଂ ଅଧିକାଂଶ ଲୋକ ଦାରିଦ୍ର୍ୟ ଯୋଗୁଁ ବଜାରରୁ ପରିବା କିଣି ଖାଇବାକୁ ସକ୍ଷମ ନଥିବାରୁ ଆଳୁର ବିଶେଷ ପ୍ରସାର ନଥିଲା । ଧନୀ ଓ ଶିକ୍ଷିତ ପରିବାର ଗୁଡିକ ମଧ୍ୟରେ ପ୍ରଥମେ ଏହାର ପ୍ରସାର ଆରମ୍ଭ ହେଲା ଓ ଧିରେ ଧିରେ ବ୍ୟାପିବାକୁ ଲାଗିଲା ।

ଗତ ପଚାଶ/ଷାଠିଏ ବର୍ଷ ତଳେ କନ୍ଧମାଳ ଜିଲ୍ଲାର ଗାଁ ଗୁଡିକରେ ଆଳୁ ବ୍ୟବହାର ବିଶେଷ ନଥିଲେ ମଧ୍ୟ ଫିରିଙ୍ଗିଆ ବନ୍ଧଗଡ ଅଂଚଳର କେତେକ ଗାଁରେ ଆଳୁ ଚାଷ ହେଉଥିଲା । ସେତେବେଳେ ଏହି ଅଂଚଳରେ ଆଳୁଚାଷ କିପରି ଆରମ୍ଭ ହେଲା ସେ ସଂପର୍କରେ ବର୍ତ୍ତମାନର ସ୍ଥାନୀୟ ଚାଷୀମାନେ ବିଶେଷ କିଛି କହିପାରନ୍ତି ନାହିଁ । ବର୍ତ୍ତମାନ ଜିଲ୍ଲାରେ ବଜାର ଭିତ୍ତିକ ଆଳୁ ଚାଷ ପ୍ରସାର ଲାଭ କରିଥିଲେ ମଧ୍ୟ ଅନେକ ଚାଷୀ ସେହି ପୁରୁଣା କିସମର ଆଳୁଚାଷ ତଥାପି କରି ଆସୁଛନ୍ତି । ଏହା ଦେଖିବାକୁ ଛୋଟ ଛୋଟ ଏବଂ ବେଶ୍ ସ୍ୱାଦିଷ୍ଟ । ଜିଲ୍ଲାସାରା ଲୋକେ ଏହି କିସମର ଆଳୁକୁ ବନ୍ଧଗଡ ଆଳୁ ବା ଠୁରି ଆଳୁ ବୋଲି କହନ୍ତି । ସ୍ଥାନୀୟ ବନ୍ଧଗଡ, ତେଜାମାହା, ଚଢେୟାପଲ୍ଲୀ ଆଦି ଗାଁର ଚାଷୀମାନେ ବହୁ ପୂର୍ବରୁ ଏହି କିସମ ଆଳୁ ଚାଷ କରି ଆସୁଛନ୍ତି । ସ୍ଥାନୀୟ ବୟସ୍କ ଚାଷୀ ମାନଙ୍କ କହିବା

ଅନୁଯାୟୀ ସେମାନେ ପିଲା ଥିବା ସମୟରୁ ଏହି ଆଳୁ ଚାଷ ହୋଇ ଆସୁଥିବା ଦେଖୁଛନ୍ତି । ସେତେବେଳେ ଜିଲ୍ଲାରେ କୌଣସି ଗାଁରେ ଲୋକେ ଆଳୁ ଚାଷ କରୁ ନଥିଲେ । କେବଳ ବନ୍ଧଗଡ ଅଂଚଳର ଚାଷୀମାନେ ଏହା ଚାଷ କରୁଥିଲେ ଏବଂ ଭାରରେ ବୋହି ରାଇକିଆ, ଫିରିଙ୍ଗିଆ, ବାଲିଗୁଡା ଆଦି ହାଟ ମାନଙ୍କରେ ନେଇ ବିକ୍ରି କରୁଥିଲେ ।

ଏହି ଆଳୁ ଚାଷ ସଂପୂର୍ଣ୍ଣ ପ୍ରାକୃତିକ ଓ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥାଏ । ଏହା କୌଣସି ପ୍ରକାରର ରାସାୟନିକ ସାର ବା ଔଷଧ ଆବଶ୍ୟକ କରେ ନାହିଁ । ବିଶେଷ କରି ଚାଷୀମାନେ ଧାନ ଅମଳ ପରେ ଶୀତ ଦିନିଆ ଫସଲ ହିସାବରେ ଏହା କରିଥାନ୍ତି । ପାଣି ଉପଲବ୍ଧ ଥିବା ଜମି ବା ନାଳ କଡ ଜମିରେ ଏହା ଚାଷ କରନ୍ତି । ଏଥିପାଇଁ ସେମାନେ ନିଜେ ବିହନ ରଖିଥାନ୍ତି । ଅମଳ ବେଳେ ଭଲ ଭଳ ଆଳୁ ସବୁ ବାଛି ବିହନ ପାଇଁ ଘରେ ଖଟ ତଳେ ବାଲିରେ ସାଇତି ଦିଅନ୍ତି । ମୂଷା, ଅସରପା, ପିମ୍ପୁଡି ଆଦି ଦାଉରୁ ସୁରକ୍ଷା ପାଇଁ କେହି କେହି ବାଉଁଶ ଡୋଲି ଆଦି କରି ବିହନ ରଖନ୍ତି । ଲଗାଇବା ସମୟ ବେଳକୁ ସେସବୁ ବିହନ ଶୁଖି ଯାଇଥାଏ ଏବଂ ଗଜା ହୋଇ ଯାଇଥାଏ । ଜମିକୁ ଭଲ ଭାବେ ଚାଷ କରି ସେଥିରେ କମ୍ପୋଷ୍ଟ ଓ ଗୋବର ଖତ ଆଦି ଦେଇ ବିହନ ଲଗାନ୍ତି । କେହି କେହି ଜମିକୁ ଉର୍ବର କରିବା ପାଇଁ ପାଉଁଶ, ଗୋରୁମୂତ ଓ ଛେଳିଖତ ଆଦି ମଧ୍ୟ ପ୍ରୟୋଗ କରନ୍ତି । ସାଧାରଣ ଆଳୁ ଚାଷ ପରି ତାହା ତାହା ଚାଷ କରାଯାଇଥାଏ । ନଭେମ୍ବର ଓ ଡିସେମ୍ବର ମାସ ବେଳକୁ ଲଗାଯାଇ ଫେବୃଆରୀ ଓ ମାର୍ଚ୍ଚ ବେଳକୁ ଅମଳ କରାଯାଇଥାଏ । ଗୋଟିଏ ଗୋଟିଏ ଗଛରୁ ୨୦୦ ରୁ ୩୦୦ ଗ୍ରାମ ପର୍ଯ୍ୟନ୍ତ ଆଳୁ ମିଳିଥାଏ । ତେବେ ଆଳୁ ଗୁଡିକ ଦେଖିବାକୁ ଛୋଟ ଛୋଟ ବରକୋଳି ଆକାରର ଏବଂ କ୍ୱଚିତ ଗୋଟିଏ ଗୋଟିଏ ବଡ ଥାଏ ।

ଆଳୁ ଗୁଡିକ ବେଶ୍ ସ୍ୱାଦିଷ୍ଟ ଏବଂ ସିଝାଇଲେ ମଧ୍ୟ ଟାଣ ରହେ । ଏଗୁଡିକ ଭାତୁଆ ଲାଗେ ନାହିଁ କି କାଦୁଆ ଲାଗେ ନାହିଁ । ଛୋଟ ଆକାରର ହୋଇଥିବାରୁ ଲୋକମାନେ ଏହାକୁ ଗୋଟା ବା ଦୁଇଫାଳ କରି ତରକାରୀ କରନ୍ତି । କୌଣସି ମସଲା ବିନା ମଧ୍ୟ ଏହା ଖାଇବାକୁ ବେଶ୍ ରୁଚିକର ଲାଗେ । ଆଗରୁ ଲୋକମାନେ ଅଭାବ ସମୟରେ ଏହାକୁ ସିଝାଇ ଖାଉଥିଲେ ଓ କାମ ଖଟୁଥିଲେ । ଭାତ ଖାଇ ନଥିବା ଛୋଟ ଶିଶୁ ମାନଙ୍କୁ ଏହା ଖାଇବାକୁ ଦେଉଥିଲେ । ଏହି ଆଳୁ କନ୍ଧମାଳ ଲୋକମାନଙ୍କ ଭିତରେ ବେଶ୍ ଆଦୃତ ହୋଇପାରିଥିଲା ଏବଂ ୧୯୮୦/୯୦ ଦଶକ ବେଳକୁ ଜିଲ୍ଲାର ଅନେକ ଅଂଚଳକୁ ବିସ୍ତାର ଲାଭ କରି ପାରିଥିଲା । ତେବେ ୨୦୦୦ ମସିହା ପରଠାରୁ ବଜାର ଭିତ୍ତିକ ଚାଷର ପ୍ରଭାବ ଯୋଗୁଁ ଏହି କିସମର ଆଳୁଚାଷ କମି କମି ଆସୁଛି । ଏହି ଆଳୁ ସମ୍ପୂର୍ଣ୍ଣ ଦେଶୀ କିସମ ଓ ଜୈବିକ ହେଲେ ମଧ୍ୟ ଦେଖିବାକୁ ଛୋଟ ଛୋଟ ହୋଇଥିବାରୁ ଓ ବଜାରରେ ଗ୍ରାହକ ମାନଙ୍କୁ ଆକୃଷ୍ଟ କରିପାରୁନଥିବାରୁ ଚାଷୀମାନେ ଏହାର ଚାଷ ପ୍ରତି ଆଗ୍ରହୀ ହେଉନାହାନ୍ତି ।

ଏବେ ବନ୍ଧଗଡ ଓ ଆଖପାଖ ଅଂଚଳର ଅଳ୍ପ କିଛି ଚାଷୀ ଏହା ଚାଷ କରୁଛନ୍ତି । ସେମାନଙ୍କ କହିବା ଅନୁଯାୟୀ ଏହି ଆଳୁ ସେମାନେ ନିଜର ଘରୋଇ ବ୍ୟବହାର ପାଇଁ ହିଁ ଚାଷ କରିଥାନ୍ତି । ଏହି ଆଳୁ ଯେଉଁମାନେ ଖାଇଛନ୍ତି ସେମାନେ ବଜାର ଆଳୁ ଖାଇବାକୁ ଆଦୌ ପସନ୍ଦ କରିବେ ନାହିଁ । ଏହାର ବାସ୍ନା ଓ ସ୍ୱାଦ ସବୁଠୁ ନିଆରା । ସତ କହିବାକୁ ଗଲେ ବର୍ତ୍ତମାନ ବଜାରଭିତ୍ତିକ ପରିବା ଚାଷରେ ଅତ୍ୟଧିକ ରାସାୟନୀକ ପ୍ରୟୋଗ ପରିବା ଗୁଡିକର ସ୍ୱାଦ, ସ୍ଥାୟିତ୍ୱ ଓ ପୁଷ୍ଟି ଉପରେ ବହୁତ କୁପ୍ରଭାବ ପକାଉଛି । ଯେତେବେଳେ ସ୍ୱାସ୍ଥ୍ୟ ସଚେତନ ଲୋକମାନେ ଏହି କଥାଟିକୁ ଠିକ୍ ଭାବେ ବୁଝିବେ ସେତେବେଳେ ନିଶ୍ଚୟ ଖୋଜାପଡିବ ବନ୍ଧଗଡ ଆଳୁର ସ୍ୱାଦ ଓ ଏହାର ଜୈବିକ ଗୁଣବତ୍ତାକୁ ।

ଲୋପ ପାଇ ଆସୁଛି କନ୍ଧମାଳର ଦେଶୀ ଧାନ

ପ୍ରାକୃତିକ କୃଷିରେ ଦେଶୀ ବିହନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ସବୁ ବିହନ ସ୍ଥାନୀୟ ଜଳବାୟୁ, ମାଟିଗୁଣ, ଜମିର ଅବସ୍ଥା ଓ ବ୍ୟବହାରିକ ଆବଶ୍ୟକତାକୁ ନେଇ ଚାଷୀମାନେ ବହୁ ବର୍ଷ ଧରି ପରୀକ୍ଷା ନିରିକ୍ଷା କରି ସଂରକ୍ଷିତ ରଖିଥାନ୍ତି । ପ୍ରଥମତଃ ଏଥିରେ ଚାଷୀ ନିଜେ ବିହନ ରଖିବାର ପୂର୍ଣ୍ଣ ସ୍ୱାଧିନତା ରହିଥାଏ । ଦ୍ୱିତୀୟତଃ ଏହାସବୁ ସ୍ଥାନୀୟ ଅଂଚଳର ପାଣିପାଗ, ବର୍ଷା, ମରୁଡି ସହନଶୀଳ ଓ ରୋଗପୋକ ସହଣିକ ହୋଇଥାଏ । ତୃତୀୟତଃ ବିଭିନ୍ନ କିସମ ଜମି ଓ ବିଭିନ୍ନ କିସମ ମାଟିଗୁଣକୁ ନେଇ ଏହି ବିହନ ରହିଥାଏ । ଚତୁର୍ଥତଃ ଏହିସବୁ ବିହନ ଚାଷ ପାଇଁ ଆବଶ୍ୟକୀୟ ସମ୍ବଳ, ଚାଷ ଜ୍ଞାନ ଓ ଅଭିଜ୍ଞତା ଚାଷୀ ପାଖରେ ବଂଶାନୁକ୍ରମିକ ଗଚ୍ଛିତ ରହି ଥାଏ । କିନ୍ତୁ ବଜାର ବିହନ ଦ୍ୱାରା ଚାଷ କରିବାରେ ଚାଷୀ ସଂପୂର୍ଣ୍ଣ ଅନଭିଜ୍ଞ ଥାଏ । ସେହି ସବୁ ବିହନ ଗୁଡିକ କୃଷି ବ୍ୟବସାୟକୁ ଆଧାର କରି ପରୀକ୍ଷାଗାରରେ ପ୍ରସ୍ତୁତ କରାଯାଇଥାଏ । ସେସବୁ ଚାଷ ପାଇଁ ରାସାୟନୀକ ସାର, କୀଟନାଶକ ଆଦି ଆବଶ୍ୟକ ହୋଇଥାଏ । ଜଳ ପରିଚାଳନା, ପସଲ ପରିଚାଳନା ଆଦିପରି ବାହ୍ୟ ଜ୍ଞାନର ଆବଶ୍ୟକତା ପଡିଥାଏ । କିନ୍ତୁ ଚାଷୀ ଅଧିକ ଅମଳ ପାଇବା ଲୋଭରେ ବିହନ ପ୍ୟାକେଟର ଚିତ୍ର ଦେଖି ତାହା କିଣି ଆଣିଥାଏ । ଫଳରେ ସେସବୁ ବିହନରୁ ଚାରା ଉଠିବାରେ, ଭଲ ଫଳ ଆସିବାରେ, ରୋଗପୋକ ଲାଗିବାରେ ସମସ୍ୟା ମାନ ଦେଖାଦେଇଥାଏ । ତେବେ ବର୍ତ୍ତମାନ ବଜାରଭିତ୍ତିକ କୃଷି ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଦେଶୀ ଫସଲର ଚାଷ କମି କମି ଆସୁଛି ଏବଂ ଦେଶୀ ବିହନ ସବୁ ଲୋପ ପାଇବାକୁ ବସିଛି । କିନ୍ତୁ ପରିବେଶ ବିଜ୍ଞାନୀ ମାନଙ୍କ ମତରେ ଯେପରି ଜଳବାୟୁ ପରିବର୍ତ୍ତନ ସମସ୍ୟା ଦେଖାଦେଲାଣି ତାକୁ ମୁକାବିଲା କରିବାକୁ ହେଲେ ଦେଶୀ ବିହନର ଫସଲର ଚାଷ ହିଁ ସଫଳ ବିକଳ୍ପ । ସେହିପରି ସ୍ୱାସ୍ଥ୍ୟ ବିଜ୍ଞାନୀ ମାନଙ୍କ ମତରେ ଆମର ଅଧିକାଂଶ ରୋଗ ଖାଦ୍ୟ ଜନିତ ଏବଂ ଖାଦ୍ୟରେ ବିଭିନ୍ନ ରାସାୟନୀକ ପ୍ରୟୋଗ ଏହି ଆଶଙ୍କାକୁ ଆହୁରି ବଢାଇ ଦେଇଛି । ସୁସ୍ଥ ଓ ନିରୋଗ ରହିବାକୁ ହେଲେ ପ୍ରାକୃତିକ ଓ ଜୈବିକ ଉପାୟରେ ହେଉଥିବା ଫସଲ ଓ ଖାଦ୍ୟ ଶସ୍ୟ ଖାଇବା ନିତାନ୍ତ ଜରୁରୀ ।

ଭାତ ଆମର ପ୍ରଧାନ ଖାଦ୍ୟ ହୋଇଥିବାରୁ ଧାନ ଚାଷକୁ ଆମେ ପ୍ରାଧାନ୍ୟ ଓ ପ୍ରାଥମିକତା ଦେଇଥାଉ । ଆମ ଓଡିଶାରେ ଆଗରୁ ବହୁ ପ୍ରଜାତିର ଦେଶୀଧାନ ଚାଷ ହେଉଥିଲା । ଏକ ସରକାରୀ ସର୍ଭେରୁ ଜଣାପଡେ ଯେ ୧୯୫୦ ମସିହା ବେଳକୁ କୋରାପୁଟ ଅଂଚଳରେ ୧୭୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ଧାନ ଚାଷ ହେଉଥିଲା । ତେଣୁ ଏହାର ପଡୋଶୀ ଜିଲ୍ଲା ହିସାବରେ କନ୍ଧମାଳରେ ମଧ ଅନେକ ପ୍ରଜାତିର ଦେଶୀଧାନ ନିଶ୍ଚୟ ଚାଷ ହେଉ ଥିବ । ତେବେ ଜିଲ୍ଲାର ୭୦ ଭାଗରୁ ଅଧିକ ଅଂଚଳ ଜଙ୍ଗଲ ହୋଇଥିବାବେଳେ ମାତ୍ର ୨୩ ପ୍ରତିଶତ ଜମି ଚାଷ ଉପଯୋଗୀ ଏବଂ ୧୬ ପ୍ରତିଶତ ଜମିରେ ନୀୟମିତ ଚାଷ ହୋଇଥାଏ । ତାଛଡା କନ୍ଧମାଳର ଅଧିକାଂଶ ଜମି ଢେପ ଓ

ପଦର କିସମର ଏବଂ ବର୍ଷାଧାର । ତେଣୁ ସେସବୁ ଜମିରେ ବିଶେଷରେ ଧାନଚାଷ ହୁଏନାହିଁ । କେବଳ ଖାଲ ଓ ମଧ୍ୟମ କିସମ ଜମିରେ ଏବଂ ଅଳ୍ପ କିଛି ଢେପ ଜମିରେ ଧାନଚାଷ ହୋଇଥାଏ । ୧୯୭୦ ଦଶକ ବେଳକୁ କନ୍ଧମାଳରେ କୁଏରୀ (ସୁଆଁ), ମାଣ୍ଡିଆ ଆଦି ବହୁଳ ଭାବେ ଚାଷ ହେଉଥିଲା । ରାଇକିଆ ଅଂଚଳର ପୁରୁଖା ଚାଷୀ ମାନଙ୍କ କହିବା ଅନୁଯାୟୀ ସେମାନେ ୧୨ / ୧୩ ପ୍ରକାରର ଦେଶୀ ଧାନ ଚାଷ କରୁଥିଲେ । ଏବେ କେହି କ୍ୱଚିତ ଏହା ଚାଷ କରୁଛନ୍ତି ।

ରାଇକିଆ ବ୍ଲକ୍ କାମାଗୁଡା ଗାଁର ଚାଷୀମାନେ କହନ୍ତି ଯେ, ସେମାନେ ଆଗରୁ ମାଟାସାକା, ନାଡିଆସତାଙ୍ଗା, କାଳିତୋଳାସାକା, ବୁକୁରାଙ୍ଗା, ପୁଟକୁଡିଆଙ୍ଗା, ଦଶପଲ୍ଲିଆଙ୍ଗା, ନାଗରଧାନ, ଟୁରେକା, କୁଣ୍ଡଧାନ, ବ୍ରିହାଡାଲାଙ୍ଗା, ଏଜାଲାଙ୍ଗା, ବୁଡାଧାନ, ଝଲକା ଆଦି ୧୨ ରୁ ୧୫ ପ୍ରଜାତିର ଧାନ ଚାଷ କରୁଥିଲେ । ଢେପ ଓ ପାହାଡିଆ ଜମି ଗୁଡିକରେ କୁଣ୍ଡଧାନ କରୁଥିଲେ । ତାହା ୩ ମାସରେ ପାଚି ଯାଉଥିଲା ଏବଂ ଲୋକମାନେ ସେଥିରେ ନୂଆଖିଆ କରୁଥିଲେ । ସେହିପରି ଏଜାଲାଙ୍ଗା, କାଳିତୋଳାସାକା ଧାନ ବି ଢେପ ଜମିରେ ଚାଷ ହେଉ ଥିଲା । ଖାଲ ଜମିରେ ପୁଟକୁଡିଆଙ୍ଗା, ଦଶପଲ୍ଲିଆଙ୍ଗା, ବ୍ରିହାଡାଲାଙ୍ଗା, ମାଟାସାକା, ନାଡିଆସତାଙ୍ଗା ଆଦି ଧାନ ଚାଷ ହେଉଥିଲା । ଅଧିକ ପାଣି ଜମୁଥିବା ଜମିରେ ନାଗରଧାନ ଚାଷ କରୁଥିଲେ । ପୁଟକୁଡିଆଙ୍ଗା ଧାନ ଦେଖିବାକୁ ଛୋଟଛୋଟ ଓ ବାସ୍ନା ରହିଥିବାରୁ ବିଭିନ୍ନ ପର୍ବପର୍ବାଣୀରେ ଏହା ବ୍ୟବହାର କରୁଥିଲେ । ବ୍ରିହାଡାଲାଙ୍ଗା ଧାନ ଦେଖିବାକୁ ନାଲି ରଙ୍ଗ । ବଡ ବଡ ଓ ମୋଟା ଚାଉଳ । ଏଥିରେ ରୋଗ ପୋକ ବହୁତ କମ୍ ଲାଗନ୍ତି । ବୁକୁରାଙ୍ଗା ଧାନ ଦେଖିବାକୁ ସରୁ ଏବଂ ବାସ୍ନା ଯୁକ୍ତ ସଫା ଚାଉଳ । ଏହା ବିଭିନ୍ନ ପର୍ବପର୍ବାଣୀରେ ଓ ବାହାପୁଆଣିରେ ଭୋଜିଭାତରେ ବ୍ୟବହାର କରିଥାନ୍ତି । ଏହି ଧାନ ଖାଲ ଜମିରେ ହେଉଥିଲେ ମଧ୍ୟ ଢେପ ଓ ମଧ୍ୟମ କିସମ ଜମିରେ ବି ହୋଇ ପାରୁଥିଲା । ଚାଷୀମାନେ ବେଶି ଅମଳ ପ୍ରତି ଦୃଷ୍ଟି ନଦେଇ ନିଜ ଆବଶ୍ୟକତାକୁ ନେଇ ଧାନ ପ୍ରଜାତି ବାଛୁଥିଲେ । ଅଧିକ ବହଳ ପେଜ ବାହାରୁଥିବା ଧାନ ସମସ୍ତଙ୍କର ପସନ୍ଦ ଥିଲା । ତେବେ ବର୍ତ୍ତମାନ ଚାଷୀମାନେ ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ସରକାରୀ ବିହନ ଯଯାତି, ଲଲାଟ, ସ୍ୱର୍ଣ୍ଣ ଆଦି ଧାନ ଚାଷ କରିବା ଆରମ୍ଭ କରି ଦେଇଛନ୍ତି ।

ଏହିଧାରା ଲାଗିରହିଲେ ହୁଏତ ଆଉ କିଛି ବର୍ଷ ମଧ୍ୟରେ ଦେଶୀ ଧାନ ବିହନର ଚାଷ ସମ୍ପୂର୍ଣ୍ଣ ଲୋପ ପାଇଯିବ ଓ ତାସହିତ ବିହନ ଗୁଡିକ ମଧ୍ୟ ଲୋପ ହୋଇଯିବ । ଏହା ଚାଷୀକୂଳକୁ ଏକ ବିରାଟ ବିପଦ ମଧ୍ୟକୁ ଠେଲିଦେବ । ଚାଷୀମାନେ ବିହନ ପାଇଁ ସରକାରୀ ସଂସ୍ଥା ବା ବଜାର ଉପରେ ନିର୍ଭର କରିବାକୁ ବାଧ୍ୟ ହେବେ । ଚାଷରେ ରାସାୟନୀକ ସାର ଔଷଧର ଆବଶ୍ୟକତା ବଢିବ ।

ଗୋଟିଏ ଦୁଇଟି ପ୍ରଜାତିର ଧାନ ଅଧିକ ଅଂଚଳରେ ଚାଷ ହେଲେ ରୋଗପୋକ ଆକ୍ରମଣ ଅଧିକ ହେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦେଶୀ ଧାନରେ ଯେଉଁ ସ୍ୱାଦ, ବାସ୍ନା ଓ ପୁଷ୍ଟି ରହିଛି ତାହା ଏଥିରୁ ମିଳିବ ନାହିଁ । ତେଣୁ କନ୍ଧମାଳର ଚାଷୀମାନେ ଦେଶୀ ଧାନ ବିହନ ଗୁଡିକର ସଂରକ୍ଷଣ ସହ ପ୍ରସାର ପାଇଁ ଧ୍ୟାନ ଦେବା ଆବଶ୍ୟକ ଯାହା ଫଳରେ ସେମାନଙ୍କର କୃଷି ସାଧ୍ୟନତା ସୁରକ୍ଷିତ ରହିବା ସହ ଆଗାମୀ ସମୟର ଜଳବାୟୁ ପରିବର୍ତ୍ତନକୁ ସମ୍ମୁଖିନ ହେବାକୁ ସାହାସ ପାଇବେ ।

ପୋଖତ ପ୍ରାକୃତିକ ଚାଷୀ କ୍ରିସସ୍ତମ ପ୍ରଧାନ

ବିଶିଷ୍ଟ ପ୍ରାକୃତିକ କୃଷି ବିଜ୍ଞାନୀ ମାସାନୋଉ ଫୁକୁଓକାଙ୍କ ମତରେ କୃଷି ଏକ ପ୍ରାକୃତିକ ସେବା ବା ପ୍ରକ୍ରିୟା । ପ୍ରକୃତିକୁ ତା ହିସାବରେ ଛାଡିଦେଲେ ମାଟିର ଉର୍ବରତା ଆପେ ବଢିବ, ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଜୈବିକ ନିଷ୍କର୍ଷ ମାଟିରେ ମିଶିବ ଓ ମାଟିରେ ଥିବା ପୋକଜୋକ, କୀଟାଣୁ ତାହା ମାଟିସହ ମିଶାଇ ଦେବେ । ବର୍ଷା ପାଣି ସେସବୁକୁ ମାଟି ତଳକୁ ପଠାଇଦେବ ଓ ସେଠାରେ ଥିବା ଜିଆ, ପୋକ, ସୁକ୍ଷ୍ମଜୀବି ମାନେ ତାହା ଖାଇବେ । ଗଛ ଓ ଫସଲର ଚେର ସେହି ମାଟି ତଳକୁ ଭେଦି ସେହି ପୋଷକ ତତ୍ତ୍ୱ ସବୁକୁ ପୁଣି ମାଟି ଉପରକୁ ଟାଣି ଆଣିବ । ଏଥିରେ ମାଟି, ଫସଲ, କୀଟାଣୁ ଆଦି ସମସ୍ତେ ସୁରକ୍ଷିତ ଓ ଉତ୍ପାଦନକ୍ଷମ ରହିବେ । ଚାଷରେ ଚାଷୀର ଭୂମିକା ଅତି ନଗଣ୍ୟ ବରଂ ଏଥିରେ ପ୍ରକୃତିର ପ୍ରକ୍ରିୟା ଓ କାରିଗରୀର ପ୍ରଭାବ ବହୁତ ବେଶୀ । ଏହି ପ୍ରାକୃତିକ ପ୍ରକ୍ରିୟାକୁ ବୁଝିବା ଓ ତାକୁ ସମୃଦ୍ଧ କରିବା ହିଁ ପ୍ରକୃତ ଚାଷୀର କାମ । ଫୁକୁଓକାଙ୍କ ଏହି ମହାନ ଉପଲବ୍ଧୀ ସହିତ କ୍ରିସସ୍ତମଙ୍କ ଚାଷ କୌଶଳର ଅନେକ ମେଳ ରହିଛି । ରାସାୟନୀକ ପ୍ରୟୋଗ ଉପରେ ଗୁରୁତ୍ୱ ନଦେଇ ପାରମ୍ପରିକ ଚାଷ କୌଶଳରେ ସେ ନିଜର ୫ ଏକର ଚାଷ ଜମିରେ ନାନା କିସମର ଫସଲ କରିବା ସହ ଆଠ ପ୍ରାଣୀ କୁଟୁମ୍ବ ଚଳାଇବାରେ ସକ୍ଷମ ହୋଇପାରୁଛନ୍ତି ।

ରାଇକିଆ ନିକଟସ୍ଥ ପାଙ୍ଗାନାଜୁ - ନାକ୍‌ଟିପଙ୍କା ଗାଁର ଷାଠିଏ ବର୍ଷ ବୟସ୍କ କ୍ରିସସ୍ତମ । ଘରେ ସ୍ୱାମୀ ସ୍ତ୍ରୀ, ପୁଅ ବୋହୂ ଓ ନାତି ନାତୁଣୀଙ୍କୁ ମିଶାଇ ଆଠ ଜଣ ପରିବାର । ଚାଷ ହିଁ ପରିବାରର ମୁଖ୍ୟ ଜୀବିକା ଓ ଉପାର୍ଜନର ମାଧ୍ୟମ । ସମୁଦାୟ ୫ ଏକର ଜମିରୁ ୨ ଏକର ଧାନଚାଷ ଜମି ଓ ବାକି ତିନି ଏକର ପଦର । ଘର ପାଖକୁ ଲାଗିଥିବା ଏହି ପଦର ଜମିରେ ସାରା ବର୍ଷ ନାନା ପ୍ରକାର ଫସଲ କରି ସେ ଦୁଇଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିଥାନ୍ତି । ପିଲାଦିନରୁ ଚାଷକାମ ସହ ଜଡିତ କ୍ରିସସ୍ତମ । ରାଇକିଆରେ ମେଟ୍ରିକ୍ ଯାଏ ପଢିଥିଲେ । ପାଠ ଛାଡିବା ପରେ ଫରେଷ୍ଟର ଓ ମିଲିଟାରୀ ଆଦି ଚାକିରି ପାଇଁ ଡାକରା ଆସିଥିଲା । କିନ୍ତୁ ବାପା ମାଆଙ୍କ ବାରଣ ଯୋଗୁଁ ଚାକିରି ନକରି ଚାଷରେ ମନଦେଲେ । ଜଣେ ଶିକ୍ଷିତ ଲୋକ ହୋଇଥିବାରୁ ଚାଷକୁ ଯୋଜନାବଦ୍ଧ ଭାବେ କରି ସେଥିରୁ ପରିବାର ଚଳାଇବାକୁ ଲାଗିପଡିଲେ ।

ଚାଳିଶ ବର୍ଷ ପୂର୍ବେ ସେ ଚାଷରେ ମିଶିବା ବେଳକୁ ଲୋକମାନେ ଚାଷରେ ଧିରେ ଧିରେ ପରିବର୍ତ୍ତନ ଆଣୁଥିଲେ । ମାଣ୍ଡିଆ, କୁଏରି ଆଦି ଛାଡି ଧାନ ଓ ପରିବା ଚାଷ ଉପରେ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଥିଲେ । କ୍ରିସସ୍ତମ ଧାନଚାଷ ସହ ହଳଦୀ, ବିନ୍‌ସ ଓ ବାଇଗଣ ଆଦି ଚାଷ କଲେ । ପରେ ପରେ କୋବି, ମଟର ଆଦି ପରିବା ବହୁଳ ଭାବେ ଚାଷ ହେଲା । କୋବି ଚାଷ ବେଳେ ଅଂଚଳର କିଛି ଚାଷୀ ରାସାୟନୀକ ସାର ଔଷଧ ପ୍ରୟୋଗ ଆରମ୍ଭ କଲେ । କିନ୍ତୁ କ୍ରିସସ୍ତମ କିଛି ଗାଈ ମଇଁଷି ପାଳିଥିବାରୁ ତାଙ୍କୁ ବଜାର ସାର କିଣିବାକୁ ପଡିଲା ନାହିଁ । କନ୍ଧମାଳର ମାଟି ବେଶ୍ ଉର୍ବର ଥିବାରୁ ଖତ ଗୋବର ଦେଇ କିପରି ଭଲ ପରିବା ଚାଷ କରାଯାଇପାରିବ ତାହା ଉପରେ ସେ ଅଧିକ ଧ୍ୟାନ ଦେଲେ । ଧିରେ ଧିରେ ଚାଷ ଓ ଫସଲ ଉପରେ ତାଙ୍କର ଅଭିଜ୍ଞତା ବଢିଲା । ମାଟିଗୁଣ, ବିହନ ଚୟନ, ବିହନ ସାଇତିବା, ଫସଲର ଯତ୍ନ, ମିଶ୍ରିତ ଫସଲ, ଫସଲର କୀଟ ଓ ରୋଗ ନିୟନ୍ତ୍ରଣ, ଜଳସେଚନ ଆଦି ସଂପର୍କରେ ଜ୍ଞାନ ବଢିଲା । ସେ ଶିକ୍ଷିତ ଥିବାରୁ ଓ ତାଙ୍କ ଗାଁଟି ବ୍ଲକ୍ ପାଖରେ ଥିବାରୁ କୃଷି ଅଧିକାରୀ ମାନଙ୍କ ସହ ଯୋଗାଯୋଗ କରି କୃଷି ସଂପର୍କିତ ତଥ୍ୟ ଓ ସୂଚନା ରଖୁଥିଲେ ।

କନ୍ଧମାଳରେ ଜୈବିକ ହଳଦୀ ଚାଷର ପ୍ରସାର ଓ କନ୍ଧମାଳକୁ ଏକ ଜୈବିକ କୃଷି ଅଂଚଳ ଭାବେ ଗଢି ତୋଳିବାକୁ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହେଲା । ତେଣୁ ବିଭିନ୍ନ ଅନୁଷ୍ଠାନ ତରଫରୁ ଚାଷୀମାନଙ୍କୁ ଜୈବିକ ଖତସାର ପ୍ରସ୍ତୁତି, ଜିଆସାର ପ୍ରସ୍ତୁତି, କମ୍ପୋଷ୍ଟ ପ୍ରସ୍ତୁତି, ପ୍ରାକୃତିକ ରୋଗପୋକ ପରିଚାଳନା ଆଦି ସଂପର୍କରେ ପ୍ରଶିକ୍ଷଣ ମାନ ଦିଆଗଲା । କ୍ରିସସ୍ତମ ମଧ୍ୟ ତାହାର ସୁଯୋଗ ନେଲେ । ସେ ନିଜ ଜମିରେ ଜିଆଖତ କୁଣ୍ଡଟିଏ ତିଆରି କରିବା ସହ କମ୍ପୋଷ୍ଟ ଖତ ପ୍ରସ୍ତୁତି କଲେ । ସେହିପରି ହାଣ୍ଡିଖତ, ମ୍ୟାଜିକ୍ ଖତ, ପଂଚାମୃତ ଆଦି ଜୈବିକ ଖତସାର ପ୍ରସ୍ତୁତି ମଧ୍ୟ ଶିଖିଗଲେ । ନିଜ ଫସଲରେ ରାସାୟନୀକ ପ୍ରୟୋଗ ନକରି ଏହିସବୁ ଜିନିଷ ପ୍ରୟୋଗ କଲେ ।

ଏବେ ତାଙ୍କର ଘରପାଖ କୃଷିକ୍ଷେତଟି ସତରେ ଦେଖିବା ଭଳି । ତିନି ଏକର ପରିମିତ କ୍ଷେତଟି ଫସଲ ଓ ବୃକ୍ଷବିବିଧତାର ଏକ ନମୂନା । କ୍ରିସସ୍ତମ ସେହି ଜମିରେ ୨୦୦ ଲିଚୁ ଚାରା ଲଗାଇଛନ୍ତି । ତା ସହ ଆମ୍ବ, ପିଜୁଳି, ସପେଟା, ସୀତାଫଳ, ଅମୃତଭଣ୍ଡା, କଦଳୀ ଆଦି ବିଭିନ୍ନ

କିସମର ଫଳ ରହିଛି । ସେ ଉଭୟ ବର୍ଷା ଦିନିଆ ଓ ଶୀତଦିନିଆ ଫସଲ କରନ୍ତି । ବିନ୍‌ସ, ବାଇଗଣ, କୋବି, ଟମାଟୋ, ସିମ୍ବ, ଆଳୁ, ଲଙ୍କା, ଭେଣ୍ଡି, ବୋଇତାଳୁ, ପାଣିକଖାରୁ ଆଦି ପରିବା ସହିତ ହଳଦୀ, ଅଦା, ମାଟିଆଳୁ, କାନ୍ଦୁଲ, ଶୋରିଷ ଆଦି କିସମ କିସମର ଫସଲ ରହିଛି । ପାଳୁଅ, ବରଡା ଶାଗ, ମକା, ମାଣ୍ଡିଆ, ଜନା ଆଦି ପାରଂପରିକ ଫସଲ ବି ରହିଛି । ବିଟ୍, ଗାଜର ଓ ବ୍ରକୋଲି ଆଦି ମଧ୍ୟ ସମୟେ ସମୟେ ଚାଷ କରନ୍ତି । ବର୍ଷକୁ ୧୨ କ୍ୱିଂଟାଲ୍ ହଳଦୀ, ୨ କ୍ୱିଂଟାଲ୍ ଅଦା, ୫ କ୍ୱିଂଟାଲ୍ ବିନ୍‌ସ ୫୦/୬୦ କାନ୍ଧି କଦଳୀ ଓ ୫୦ ହଜାର ଟଙ୍କାରୁ ଅଧିକ ଅନ୍ୟାନ୍ୟ ପନିପରିବା ବିକ୍ରି କରନ୍ତି । ସେ ନିଜର ପରିବାର ପାଇଁ କେବେ ବଜାରରୁ କୌଣସି ପରିବା ବା ଫସଲ ଆଜିଯାଏ କିଣି ନାହାନ୍ତି ବରଂ ଏହି ଚାଷରୁ ନିଜର ପରିବାର ଚଳାଇବା ସହ ପିଲାମାନଙ୍କୁ ଶିକ୍ଷିତ ଓ ରୋଜଗାରକ୍ଷମ କରିପାରିଛନ୍ତି ।

ନିଜ ଅଭିଜ୍ଞତାକୁ ନେଇ ସେ ଚାଷର ଯେଉଁ କେତେକ ସଫଳ କୌଶଳ ସଂପର୍କରେ କହନ୍ତି ସେଗୁଡିକ ହେଲା –

ଭଲ ଫସଲ ପାଇଁ ଜମିକୁ ଭଲଭାବେ ଚାଷ କରିବା ଦରକାର ଫଳରେ ମାଟି ହାଲକା ରହିବ, ଜଳଧାରଣ ଶକ୍ତି ବଢିବ, ଅନାବନା ଘାସ ନିୟନ୍ତ୍ରଣ ହେବ ଓ ମାଟିରେ ଫସଲ ଚେର ତଳକୁ ଯିବା ସହଜ ହେବ ।

ଜମିରେ ଆବଶ୍ୟକୀୟ କମ୍ପୋଷ୍ଟ ଓ ଗାଈ ଛେଳି ଖତ ଗୋବର ପ୍ରୟୋଗ କରିବା ଦରକାର ଯଦ୍ୱାରା ମାଟି ଉର୍ବର ହେବ ଏବଂ ଫସଲକୁ ହୃଷ୍ଟପୁଷ୍ଟ କରିବ ।

ବର୍ଷକୁ ବର୍ଷ ଫସଲର ସ୍ଥାନ ପରିବର୍ତ୍ତନ ଦ୍ୱାରା ଫସଲ ଅମଳ ବୃଦ୍ଧି ହୁଏ । ହଳଦୀ, ଅଦା, କାନ୍ଦୁଲ, କୋବି କରୁଥିବା ଜମି ଗୁଡିକ ସେ ବର୍ଷକୁ ବର୍ଷ ପରିବର୍ତ୍ତନ କରିଥାନ୍ତି ।

ମିଶ୍ରିତ ଫସଲ ଚାଷ ଦ୍ୱାରା ଫସଲର ରୋଗପୋକ ବହୁ ପରିମାଣରେ ହ୍ରାସ ହୁଏ । ହଳଦୀ, ଅଦା, ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ବାସ୍ନା ଦେଉଥିବା ଗଛ ଯୋଗୁଁ ପୋକ ଓ କୀଟ ଫସଲ କ୍ଷେତରେ କମ୍ ହୁଅନ୍ତି ।

ସର୍ବୋପରି ଫସଲର ଯତ୍ନ ଶିଶୁର ଯତ୍ନ ପ୍ରାୟ ଏକାଭଳି । ଶିଶୁର ଖାଦ୍ୟପେୟ, ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ନଦେଲେ ଯେପରି ସେ ରୋଗାକ୍ରାନ୍ତ ହୋଇପଡେ ସେହିପରି ଫସଲର ଯତ୍ନ ନନେଲେ ତାହା ରୋଗାକ୍ରାନ୍ତ ହୋଇଯିବ । ଯେ ନିଜ ଫସଲ କ୍ଷେତକୁ ସବୁବେଳେ ନଜରରେ ରଖିଥାଏ ସେ ହିଁ ପ୍ରକୃତ ଚାଷୀ ।

ଜଳସେଚନର ଅସୁବିଧା ଦିଲ୍ଲୀପଙ୍କୁ ପ୍ରାକୃତିକ ପ୍ରଣାଳୀ ଚାଷ ପାଇଁ ବାଟ ଦେଖାଇଲା

ରାଇକିଆ ବ୍ଲକ୍ ଗୁମାଗଡ ପଂଚାୟତ ବାନ୍ଦା ଗାଁର ଯୁବ ଚାଷୀ ଦିଲ୍ଲୀପ ପ୍ରଧାନ । ଜଣେ ପରିବା ଚାଷୀ ହିସାବରେ ସ୍ଥାନୀୟ ଅଂଚଳରେ ବେଶ୍ ପରିଚିତ ସେ । ବର୍ଷକୁ ପ୍ରାୟ ୮୦ ହଜାରରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପରିବା ସେ ବିକ୍ରିକରିଥାନ୍ତି । ଏହି ଚାଷରୁ ନିଜର ୯ ଜଣିଆ ପରିବାରଟିକୁ ଚଳାଇବା ସହ ପିଲାମାନଙ୍କ ପାଠପଢା ଓ ଅନ୍ୟାନ୍ୟ ଘରୋଇ ଖର୍ଚ୍ଚ ତୁଲାଇଥାନ୍ତି । ପିଲାଦିନରୁ ହିଁ ଦିଲ୍ଲୀପଙ୍କର ଚାଷ ପ୍ରତି ଆଗ୍ରହ ରହିଆସିଛି । ବୌଦ୍ଧରେ ମେଟ୍ରିକ୍ ପଢିବା ସମୟରେ ସେ ସ୍କୁଲ୍‌ର କୃଷି ମନ୍ତ୍ରୀ ହେଉଥିଲେ । ସାଙ୍ଗ ମାନଙ୍କୁ ଲଗାଇ ସ୍କୁଲ୍ ପରିସରରେ ବିଭିନ୍ନ ଫୁଲ ଓ ପରିବା ଚାଷ କରୁଥିଲେ । ମେଟ୍ରିକ୍ ପରେ ଘରକୁ ଫେରି ଚାଷରେ ମନଦେଲେ । ନିଜର ପାଂଚ ଏକର ଚାଷ ଜମିରୁ ୨ ଏକର ଜମିରେ ଧାନ ଚାଷ ହୋଇଥାଏ । ବାକି ୩ ଏକର ଜମି ପଦର କିସମର ଏବଂ ବର୍ଷର ଅଧିକାଂଶ ସମୟ ପଡିଆ ପଡିଥାଏ । ପାଣିର ସୁବିଧା ନଥିବାରୁ କେବେ କେମିତି ସେଠାରେ ବର୍ଷାଦିନିଆ ଶୋରିଷ ବା କାନ୍ଦୁଲ ଚାଷ ହୁଏ । ଦିଲ୍ଲୀପ ସେହି ପାହାଡ ତଳି ପଦର ଜମିରେ ପରିବା ଚାଷ ପାଇଁ ଯୋଜନା କଲେ । ଜମିରେ ଜଳ ଯୋଜନାଟିଏ କରିବା ପାଇଁ ପାଖରେ ସମ୍ବଳ ନଥିଲା । ସରକାରୀ ସ୍ତରରେ ଉଦ୍ୟମ କରି ମଧ୍ୟ ବିଫଳ ହେଲେ । ପ୍ରଥମେ ସେ ବର୍ଷାଦିନିଆ ପରିବା ବାଇଗଣ, ଲଙ୍କା, ଭେଣ୍ଡି ବିନ୍‌ସ ଆଦି ଚାଷ କଲେ । ବର୍ଷାଦିନେ ପାଣିର ଅଭାବ ନଥିବାରୁ ସେସବୁ ଫସଲ ଭଲ ଅମଳ ହେଲା । ତେବେ ଜମିରେ ସାରା ବର୍ଷ କିପରି ବିଭିନ୍ନ ଫସଲ କରିହେବ ସେଥିପାଇଁ ଚିନ୍ତା କଲେ ।

ଜମିରେ ଜଳ ସଂରକ୍ଷଣ ପାଇଁ ସେ ଜମି ମଝିରେ ଗାଡ ସବୁ ଖୋଳିଦେଲେ । ଫଳରେ ବର୍ଷାଦିନେ ପାଣି ତଳକୁ ଗଡି ନଯାଇ ଜମିରେ ଭେଦି ଭେଦି ଯିବ । ସେହିପରି ଜମିରେ ଘାସ ଆଚ୍ଛାଦିତ କରି ରଖିଲେ ଯା ଦ୍ୱାରା ମାଟିକୁ ସିଧା ଖରା ପଡିବ ନାହିଁ ଏବଂ ଜମିର ଆର୍ଦ୍ରତା ଅଧିକ ଦିନ ରହିବ ।

ଜମିର କିଛି ଅଂଶକୁ ବଗିଚାରେ ପରିଣତ କଲେ । ସେଠାରେ କଦଳୀ ଓ ଅମୃତଭଣ୍ଡା ଗଛ ସବୁ ଲଗାଇଲେ । ଦିଲ୍ଲୀପ ଲକ୍ଷ୍ୟକଲେ ଯେ ଜମିରେ ରାସାୟନୀକ ସାର ପ୍ରୟୋଗ କଲେ ତାହା ଅଧିକ ପାଣି ଆବଶ୍ୟକ କରିବ । ତେଣୁ ରାସାୟନୀକ ବ୍ୟବହାର କମାଇ ସେ ଖତ ଗୋବର ଓ କମ୍ପୋଷ୍ଟ ଆଦି ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେଲେ । ଜମିଟି ଜଙ୍ଗଲ ଅଂଚଳ ପାଖାପାଖି ଥିବାରୁ ବହୁତ ପତ୍ର ଓ ଘାସ ମିଳୁଥିଲା । ନିଜର କିଛି ଗାଈ ବଳଦ ଥିବାରୁ ଗୋବର ମଧ୍ୟ ମିଳୁଥିଲା । ଦିଲ୍ଲୀପ ସେ ସବୁକୁ ପୋତି କମ୍ପୋଷ୍ଟ ପ୍ରସ୍ତୁତ କଲେ । ସେହିପରି ମାଟିର ଆର୍ଦ୍ରତା ବଜାୟ ରଖିବା ପାଇଁ ଆଚ୍ଛାଦନ ପ୍ରଣାଳୀ ଓ ମନ୍ଦା ପ୍ରଣାଳୀ

ଆଦି ପାରଂପରିକ କୌଶଳ ଆପଣେଇଲେ । ଫସଲରେ ପ୍ରୟୋଗ କରିବା ପାଇଁ ବିଭିନ୍ନ ଜୈବିକ ସାର ଔଷଧ କୌଶଳ ମଧ୍ୟ ଶିଖିଲେ । ଗୋବର, ଗାଈମୂତ, ବିଭିନ୍ନ ପତ୍ର ଆଦି ମିଶାଇ ନିଜେ ହାଣ୍ଡିଖତ, ଜୀବାମୃତ, ମ୍ୟାଜିକ୍ ଖତ ଆଦି ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କଲେ ।

ସେହିପରି ଅଧିକ ପାଣି ଆବଶ୍ୟକ କରୁନଥିବା ଫସଲ ସବୁ ମଧ୍ୟ ଲଗାଇଲେ । କିଛି ଜମିରେ ହଳଦୀ ଓ ଅଦା ଚାଷ କଲେ । ଜମିର ହୁଡାରେ କାନ୍ଦୁଲ ଚାଷ କଲେ । ଛାଇ ଜାଗା ଗୁଡିକରେ ମାଟିଆଳୁ ଓ ଓଲୁଅ ଆଦି କନ୍ଦା ଫସଲ ଚାଷ କଲେ । କିଛି ଜମିରେ ମାଣ୍ଡିଆ, ଜନା, କୁଏରୀ ଓ ମକା ଆଦି ଚାଷ କଲେ ।

ଏବେ ସେଠାରେ ଚାଷ କରିବା ପାଇଁ ଜଳ ସେଚନକୁ ଏକ ମୁଖ୍ୟ ଆବଶ୍ୟକତା ବୋଲି ଆଉ ବିଚାର କରୁନାହାନ୍ତି ଦିଲ୍ଲୀପ । ସେଠାରେ ବର୍ଷାଦିନିଆ ପରିବା ସହ ଶୀତ ଦିନିଆ ପରିବା ମଧ୍ୟ ଉତ୍ପାଦନ କରିପାରୁଛନ୍ତି । ଜମିତଳକୁ ଥିବା ଏକ ନାଳିରେ ବର୍ଷାପାଣି କିଛି ଦିନ ସଂଚି ରଖିବା ପାଇଁ ସେ ଗାଡଟିଏ ଖୋଳିଛନ୍ତି । ପମ୍ପଟିଏ ରଖି ସେହି ଗାଡରୁ ଡିସେମ୍ବର ମାସଯାଏ ଫସଲରେ ପାଣି ମଡାଇବାକୁ ସୁବିଧା ହେଉଛି । ଜମି ଭିତରେ ପଲିଥିନ୍ କୁଣ୍ଡ ତିଆରି କରି ପାଣି ସଂଚିବା ବ୍ୟବସ୍ଥା ମଧ୍ୟ କରୁଛନ୍ତି । ଫଳରେ ଶୀତ ଦିନିଆ କୋବି, ଟମାଟୋ ଓ ଆଳୁ ଆଦି ଚାଷ ହୋଇପାରୁଛି ।

ଦିଲ୍ଲୀପଙ୍କ ମତରେ ଚାଷ ପାଇଁ ଆବଶ୍ୟକୀୟ ସବୁ ସୁବିଧା ଅଭାବୀ ଚାଷୀଟିଏ ଯୋଗାଡ କରିବା କଷ୍ଟକର । ମିଳୁଥିବା ସମ୍ବଳ ଓ ସୁବିଧାକୁ ଧରି ମଧ୍ୟ ଭଲଭାବେ ଚାଷ କରାଯାଇପାରିବ । ଜଳସେଚନ ଉପଲବ୍ଧ ନଥିବା ଜମିରେ ଅଧିକ ପାଣି ଆବଶ୍ୟକ କରୁନଥିବା ଫସଲ କରାଯାଇପାରିବ । ସେ କୋବି, ବିନ୍‌ସ ଓ ଟମାଟୋ ଆଦି ପରିବାରୁ ଯେତିକି ଲାଭ ପାଆନ୍ତି ତାଠାରୁ ଅଧିକ ଲାଭ ଅଦା, ହଳଦୀ, ମାଟିଆଳୁ, ଓଲୁଓ, ମାଣ୍ଡିଆ ଆଦି ଚାଷରୁ ପାଆନ୍ତି ବୋଲି କହନ୍ତି । ଚଳିତ ବର୍ଷ ସେ ୫ କ୍ୱିଂଟାଲ୍ ହଳଦୀ, ୨ କ୍ୱିଂଟାଲ୍ ଅଦା, ୩ କ୍ୱିଂଟାଲ୍ ଓଲୁଅ, ୨ କ୍ୱିଂଟାଲ୍ ମାଟିଆଳୁ, ୨ କ୍ୱିଂଟାଲ୍ ମାଣ୍ଡିଆ ପାଇଛନ୍ତି । ଏ ସବୁ ଫସଲ ପାଇଁ ତାଙ୍କୁ ବିଶେଷ ଖର୍ଚ୍ଚ କରିବାକୁ ପଡିନାହିଁ କିମ୍ବା ଜଳସେଚନ ପାଇଁ ବ୍ୟସ୍ତ ହେବାକୁ ପଡିନାହିଁ ।

ମଟର ଫସଲର ରୋଗ ଦୂର କଲା ହାଣ୍ଡିଖତ

ରାଇକିଆ ବ୍ଲକ୍ ପେଟାପଙ୍କା ପଂଚାୟତ କାମାଗୁଡା ଗାଁର ଆଦିବାସୀ ପ୍ରଧାନ । ନିଜର ୫ ଏକର ଜମି ଚାଷରୁ ହିଁ ୭ ଜଣିଆ ପରିବାରଟିକୁ ଚଳାଇଥାନ୍ତି । ପିଲା ମାନଙ୍କ ପାଠପଢା, ଘରୋଇ ଖର୍ଚ୍ଚ, ବାହାପରବ ଓ ଦେହପା ଖର୍ଚ୍ଚ ଆଦି ସବୁ ତୁଲାଇବାକୁ ପଡେ ଚାଷରୁ । ୨ ଏକର ଜମିରେ ଧାନ ଚାଷ କରନ୍ତି । ଗାଁ ମୁଣ୍ଡରେ ଥିବା ୨ ଏକର ପଦର ଜମିରେ ବିଭିନ୍ନ ପନିପରିବା ଚାଷ କରନ୍ତି । ସାରା ବର୍ଷ ବିଭିନ୍ନ ଋତୁକାଳୀନ ପରିବା ଚାଷ କରିଥାନ୍ତି ସେ । ପାଖ ରାଇକିଆ ବଜାର ଓ ହାଟରେ ନେଇ ଫସଲ ସବୁ ବିକ୍ରି କରନ୍ତି । ବାଇଗଣ, ବିନ୍‌ସ, କୋବି, ମୂଳା, ଲଙ୍କା, ମଟର, ଆଳୁ, ଟମାଟୋ ଆଦି ପରିବା ସହ ଶୋରିଷ, କାନ୍ଦୁଲ, ଅଦା, ହଳଦୀ ଆଦି ଚାଷ କରନ୍ତି । ମେଟ୍ରିକ୍ ପାଠ ସରିବା ପରେ ଭଲ ରୋଜଗାର ଆଶାରେ ଦାଦନ ଖଟିବାକୁ କେରଳ ଚାଲିଯାଇଥିଲେ ଆଦିବାସୀ । ସେଠାରେ କାଠକାମ ଓ ମଜୁରୀ କାମ କରୁଥିଲେ । ତେବେ ବାହାଘର ପରେ ଆଉ ବାହାରକୁ ଯିବା ସମ୍ଭବ ହେଲା ନାହିଁ । ଜମିରେ ଚାଷ କରି ପରିବାର ଚଳାଇବା ପାଇଁ ନିଷ୍ପତ୍ତି ନଲେ । ରାଇକିଆ ଅଂଚଳରେ ପରିବା ଚାଷ ଭଲ ହେଉଥିବାରୁ ନିଜର ପଦର ଜମିରେ ପରିବା ଚାଷ ପାଇଁ ଯୋଜନା କଲେ । ଜମି ତଳେ ଥିବା ନାଳରୁ ପମ୍ପ ସାହାଯ୍ୟରେ ପାଣି ଉଠାଇ ସାରା ବର୍ଷ ବିଭିନ୍ନ ପରିବା ଚାଷ କଲେ ।

ଆଦିବାସୀ ବଜାର ଚାହିଦାକୁ ଧରି ପରିବା ଚାଷ କରନ୍ତି । ବିଶେଷ କରି କୋବି, ମଟର, ବିନ୍‌ସ ଆଦି ଅଧିକ କରନ୍ତି । ଆଗରୁ ଅଧିକ ଅମଳ ହେବ ବୋଲି ଚିନ୍ତାକରି କୋବି ଓ ମଟର ଆଦିରେ କିଛି କିଛି ରାସାୟନୀକ ସାର ପ୍ରୟୋଗ କରୁଥିଲେ । ତେବେ କିଛି ବର୍ଷ ପରେ ସେ ଲକ୍ଷ୍ୟ କଲେ ଯେ ରାସାୟନୀକ ସାର ପ୍ରୟୋଗ ଦ୍ୱାରା ବିଶେଷ କିଛି ଲାଭ ମିଳୁନାହିଁ । ସାର କିଣିବାରେ ଅଧିକ ଖର୍ଚ୍ଚାନ୍ତ ହେବା ସହ ଫସଲରେ ନାନା ପ୍ରକାର ରୋଗ ଦେଖା ଦେଉଛି । ସେ ପ୍ରାୟ ୨୫ ଡିସିମିଲ୍ ଜମିରେ ମଟର ଚାଷ କରିଥିଲେ । କିନ୍ତୁ ମଟର ଗଛ ସବୁ ଫଳ ଆସିବା ସମୟକୁ ଶୁଖି ଶୁଖି ଗଲା । ଗଛ ସବୁ ହଳଦିଆ ପଡି ମରି ମରି ଗଲା । ହୋଇଥିବା ଫଳ ସବୁ ଶୁଖି ଝଡିପଡିଲା । ତାଙ୍କ ଗାଁରେ ରାଇକିଆ କୃଷକ ଉତ୍ପାଦକ କମ୍ପାନୀର ସମ୍ପାଦକ ନିକୁନ୍ତ ପ୍ରଧାନ ରହନ୍ତି । ତାଙ୍କ ସହ ସେ ଏହି ଅସୁବିଧା ବିଷୟରେ ଆଲୋଚନା କଲେ । ନିକୁନ୍ତ ତାଙ୍କୁ ହାଣ୍ଡିଖତ ପ୍ରସ୍ତୁତ କରି ପକାଇବାକୁ ପରାମର୍ଶ ଦେଲେ । ଏହା କିପରି ପ୍ରସ୍ତୁତ କରିବେ ତାହା ମଧ୍ୟ ବତାଇ ଦେଲେ । ନିକୁନ୍ତଙ୍କ କଥା ମାନି ସେ ଗୋଟିଏ ମାଟି ହାଣ୍ଡି ଠିକ୍ କଲେ । ୧୦ କିଲୋ ଗୋବର, ୧୦ ଲିଟର ଗାଈ ମୂତ ଓ ଅଧ କିଲୋ ଗୁଡ ସଂଗ୍ରହ କଲେ । ତା ସହ ୨୫୦ ଗ୍ରାମ ଲେଖାଏଁ ଲିମ୍ବ,

କରଞ୍ଜ, ଅରଖ ଆଦି ପତ୍ର ସଂଗ୍ରହ କଲେ । ପତ୍ର ସବୁ ଟିକ୍ ଟିକ୍ କରି କାଟି ଦେଲେ । ମାଟି ହାଣ୍ଡିରେ ଗାଈମୂତ ଗୋବର ଓ ଗୁଡିକୁ ଭଲ ଭାବେ ମିଶାଇ ସେଥିରେ ପତ୍ରସବୁ ପକାଇ ଦେଲେ । ଗୋଟିଏ କାଠି ସାହାଯ୍ୟରେ ତାହାକୁ ଗୋଳାଇ ମୁହଁରେ ସଫା କପଡା ବାନ୍ଧିଦେଲେ । ହାଣ୍ଡି ଟିକୁ ଜମିରେ ଚାଷଘରେ ଛାଇ ଜାଗାରେ ରଖିଦେଲେ । ପ୍ରତିଦିନ ଏହାକୁ ଟିକେ ଟିକେ ଘାଂଟି ଦେଉଥିଲେ । ଆଠ ଦିନପରେ ପତ୍ରସବୁ ଗାଈମୂତ ଓ ଗୋବରରେ ଭଲଭାବରେ ସଢି ଗଲା । ତାପରେ ତାକୁ ଛାଣି ପାଚନକୁ ବୋତଲରେ ସଂଗ୍ରହ କଲେ । ୧ ଲିଟର ପାଚନରେ ୩୦ ଲିଟର ପାଣି ମିଶାଇ ମଟର ଗଛରେ ପ୍ରୟୋଗ କଲେ ।

ପ୍ରୟୋଗ କରିବାର ଏକ ସପ୍ତାହ ମଧ୍ୟରେ ତାଙ୍କୁ ସୁଫଳ ଦେଖାଗଲା । ଶୁଖି ଆସୁଥିବା ଗଛ ସବୁରେ ନୂଆ ପତ୍ର କଅଁଳିଲା । ସେହିପରି ଅନ୍ୟଗଛ ସବୁ ଆଉ ଶୁଖି ହଳଦିଆ ପଡିଲା ନାହିଁ । ସାତ ଦିନପରେ ସେ ଆଉଥରେ ପ୍ରୟୋଗ କଲେ । ୧୫ ଦିନପରେ ଦେଖାଗଲା କ୍ଷେତଟି ତାର ପୂର୍ବାବସ୍ଥାକୁ ଫେରି ଆସିଛି । ଗଛସବୁ ହୃଷ୍ଟପୁଷ୍ଟ ହେବା ସହ ଭଲ ଫଳ ମଧ୍ୟ ଧରୁଛି । ଏହା ତାଙ୍କୁ ବହୁତ ଆନନ୍ଦ ଦେଲା । ଏହା ନହୋଇଥିଲେ ମଟର କ୍ଷେତଟି ସମ୍ପୂର୍ଣ୍ଣ ଉଜୁଡି ଯାଇଥାନ୍ତା ଏବଂ ତାଙ୍କର ଶ୍ରମ ଓ ଖର୍ଚ୍ଚ ସବୁ ମାଟିରେ ମିଶି ଯାଇଥାନ୍ତା ବୋଲି କହନ୍ତି ଆଦିବାସୀ ।

ଗାଁର ଅନ୍ୟ ଚାଷୀମାନଙ୍କର ମଟର କ୍ଷେତରେ ମଧ୍ୟ ଏହି ରୋଗ ବ୍ୟାପୁଥିଲା । ସେମାନେ ଆଦିବାସୀଙ୍କ ଏହି ହାଣ୍ଡିଖତ ପ୍ରୟୋଗ କୌଶଳ ଶିଖି ନିଜ ଫସଲରେ ପ୍ରୟୋଗ କଲେ । ବର୍ଷକୁ ବର୍ଷ ରାସାୟନୀକ ସାର ଔଷଧର ପ୍ରୟୋଗ ଯୋଗୁଁ ଏହିପରି ରୋଗ ଆସୁଥିବାର ସେ ଉପଲବ୍ଧୀ କରୁଛନ୍ତି ବୋଲି କହନ୍ତି ଆଦିବାସୀ । ତେଣୁ ରାସାୟନୀକ ବ୍ୟବହାର ଛାଡି ଖତ ଗୋବର ଓ କମ୍ପୋଷ୍ଟ ଆଦି ଦେଇ ଚାଷ କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି ।

ରୋଗପୋକ ନିୟନ୍ତ୍ରଣର ପାରଂପରିକ କୌଶଳ ମିଶ୍ରିତ ଫସଲ ଚାଷ

ରାଇକିଆ ବ୍ଲକ୍ କାମାଗୁଡା ଗାଁର ଜଣେ ଅଭିଜ୍ଞ ଚାଷୀ ଦୀନବଂଧୁ ପ୍ରଧାନ । ବୟସ ଚାଳିଶ ବର୍ଷରୁ କିଛି ଅଧିକ ହେବ । ପ୍ରାୟ ୩ ଏକର ଜମି ଚାଷ ତାଙ୍କର । ଦୁଇ ଏକର ଜମିରେ ଧାନ ଚାଷ ହୁଏ ଏବଂ ବାକି ଏକ ଏକର ଜମିରେ ବିଭିନ୍ନ ପନିପରିବା କରି ଚଳନ୍ତି । କିଛି ପନିପରିବା ନିଜର ଘରୋଇ ଖର୍ଚ୍ଚ ହୁଏ ଏବଂ ବଳକା ପରିବା ବିକ୍ରି କରନ୍ତି । ପିଲା ଦିନରୁ ଚାଷ ସହ ସଂପୃକ୍ତ ସେ । ତେଣୁ ସ୍ଥାନୀୟ ଚାଷ ବିଷୟରେ ଢେର୍ ଅଭିଜ୍ଞତା ରହିଛି ତାଙ୍କର । ନିଜେ ବିଭିନ୍ନ

ପରିବା ଚାଷ କରୁଥିଲେ ମଧ୍ୟ ଆଜିଯାଏ ସେ ରାସାୟନୀକ ସାର ଔଷଧ ବ୍ୟବହାର କରିନାହାନ୍ତି । ତାଙ୍କ ମତରେ ଅଭାବି ଚାଷୀ ପରିବାରର ହୋଇଥିବାରୁ ସାର ଔଷଧ କିଣିବା ତାଙ୍କ ପକ୍ଷରେ ସମ୍ଭବ ହୁଏ ନାହିଁ । ନିଜର କିଛି ଗାଈ ଛେଳି ଥିବାରୁ ତାଙ୍କ ଖତଗୋବର ଚାଷ ପାଇଁ ଯଥେଷ୍ଟ ହୁଏ । ସେହିପରି ଫସଲର ରୋଗପୋକ ଲାଗିବା ଚାଷ ପ୍ରଣାଳୀର ଏକ ଅପପ୍ରୟୋଗ ବୋଲି ସେ କହନ୍ତି । ନିଜ ଅନୁଭୂତିରୁ ସେ କହନ୍ତି ଯେ, ଆଗରୁ ପିଲାଦିନେ ଫସଲରେ ଏତେ ପରିମାଣର ରୋଗପୋକ ଲାଗିବା ସେ ଜାଣିନଥିଲେ । ସେତେବେଳେ ଲୋକମାନେ ଗୋଟିଏ ଗୋଟିଏ ଜମିରେ ଏକାବେଳକେ ନାନା ପ୍ରକାର ଫସଲ ମିଶ୍ରିତ ଭାବେ କରୁଥିଲେ । ଧାନଚାଷରେ ମଧ୍ୟ ବିଭିନ୍ନ କିସମର ଧାନ ଜମି ଅନୁସାରେ କରୁଥିଲେ । ସମସ୍ତେ ଦେଶୀ ବିହନରେ ଚାଷ କରୁଥିଲେ । କିନ୍ତୁ ଏବେ ଗୋଟିଏ ପ୍ରକାର ଫସଲ, ଗୋଟିଏ ପ୍ରକାର ଧାନ ବହୁତ ଅଂଚଳରେ କରୁଛନ୍ତି । କିଣା ବିହନ ବ୍ୟବହାର କରୁଛନ୍ତି । ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଗଛ ରହୁଥିବାରୁ ଯେପରି ଗଛଗୁଡିକ ରୋଗାକ୍ରାନ୍ତ ହେବା ବିଶେଷ ଦେଖାଯାଏ ନାହିଁ ମାତ୍ର ଆମେ କରୁଥିବା ଆମ୍ବ ବା କାଜୁ ବଗିଚାରେ ପୋକ ଲାଗୁଛନ୍ତି ସବୁ ଫସଲ ମଧ୍ୟ ସେହିଭଳି । ଗୋଟିଏ ଗାଁରେ ଯଦି ବହୁତ ଅଂଚଳ କେବଳ କୋବି ଚାଷ, ବାଇଗଣ ଚାଷ ବା ମଟର ଚାଷ ପରି ଏକ ଫସଲ କରାଯାଏ ତାହେଲେ ଫସଲରେ ରୋଗପୋକ ଲାଗିବା ସମ୍ଭାବନା ଅଧିକ ।

ଆଗରୁ କନ୍ଧମାଳର ଚାଷୀମାନେ ମିଶାମିଶି ଫସଲର ଚାଷ ଅଧିକ କରୁଥିଲେ । ବଗଡ ଚାଷରେ ତ ଗୋଟିଏ ଜାଗାରେ ୨୫ ରୁ ୩୦ ପ୍ରକାର ଫସଲ ଫଳାଉଥିଲେ । ପଦର ଜମି ଗୁଡିକରେ ମକା, ଶୋରିଷ, ଆଳୁ ଆଦି ଫସଲ ସବୁ ମିଶାମିଶି କରୁଥିଲେ । ମଝି ଜମିରେ ବାଇଗଣ, କୋବି ବା ଆଳୁ ଚାଷ କଲେ ହୁଡାରେ ଶୋରିଷ, କାନ୍ଦୁଲ ଆଦି ଲଗାଇ ଦେଉଥିଲେ । ଗୋଟିଏ ଜମିରେ ପାଖାପାଖି ମୂଳ ଜାତିୟ, କନ୍ଦ ଜାତିୟ, ଛୁଇଁ ଜାତୀୟ, ଡାଲି ଜାତିୟ ଓ ତୈଳବୀଜ ଫସଲ ପାଖାପାଖି ରହୁଥିଲା । ଏହା ରୋଗପୋକ ନିୟନ୍ତ୍ରଣରେ ପ୍ରାକୃତିକ ସନ୍ତୁଳନ ବଜାୟ ରଖୁଥିଲା ।

ଏବେ ଦୀନବଂଧୁ ନିଜ ଚାଷରେ ସେହି ପାରଂପରିକ କୌଶଳ ଅବଲମ୍ବନ କରି ଆସୁଛନ୍ତି । ମଟର ସହ ମିଶ୍ରିତ ଭାବେ ଶୋରିଷ, କୋବି ସହ ମକା, ବାଇଗଣ ସହ ଶାଗ ଆଦି ମିଶ୍ରିତ ଭାବେ ଚାଷ କରନ୍ତି । ଫସଲରୁ ପୋକ ନିୟନ୍ତ୍ରଣ ପାଇଁ ପାଉଁଶ, ଗାଈ ମୂତ, ନିମ ତେଲ ଆଦି ବ୍ୟବହାର କରନ୍ତି । ତାଙ୍କ ମତରେ ଆମର ନୂଆ ପିଢିର ଚାଷୀମାନଙ୍କ ପାଖରେ ଚାଷ ଜ୍ଞାନର ଘୋର ଅଭାବ ରହିଛି ।

ଫସଲ ଫଳିବା ଏକ ଯାନ୍ତ୍ରିକ ପ୍ରକ୍ରିୟା ନୁହେଁ ବରଂ ପ୍ରାକୃତିକ ପ୍ରକ୍ରିୟା ଏବଂ ମାଟି, ପାଣି, ପବନ, ଗଛଲତା, କୀଟ ପତଙ୍ଗ ଆଦି ସମସ୍ତଙ୍କର ଏଥିରେ ଭୂମିକା ରହିଛି । ଚାଷ ଉପରେ ଏମାନଙ୍କ ପ୍ରଭାବକୁ ବୁଝିବା ହିଁ ଚାଷୀର ପ୍ରଥମ ପାଠ । କେଉଁ ଗଛ କେଉଁ ଗଛକୁ ଉପକାର କରୁଛି, କେଉଁ ପୋକ କେଉଁ ପୋକକୁ ନଷ୍ଟ କରୁଛି, କେଉଁ ମାଟି କେଉଁ ଫସଲ ପାଇଁ ଉପଯୋଗୀ, କେଉଁ ଫସଲ କେତେ ପାଣି ଆବଶ୍ୟକ କରେ

ସେ ବିଷୟରେ ବର୍ତ୍ତମାନର ଚାଷୀମାନଙ୍କ ପାଖରେ ଜ୍ଞାନ ବା ଅଭିଜ୍ଞତା କିଛି ନାହିଁ । ବଜାରରୁ ମଂଜି କିଣିଆଣି ଜମିଚାଷ କରି ସେଥିରେ ପକାଇ ଦେଲେ ଓ ସାର ଔଷଧ ଢାଳିଦେଲେ ଫସଲ ଆପେ ଫଳିବ ବୋଲି ସେମାନେ ଭାବନ୍ତି । ଏହାଦ୍ୱାରା କେତେବେଳେ ଭଲ ଫସଲ ହୁଏ ତ ଆଉ କେତେବେଳେ ଫସଲ ଉଜୁଡି ଯାଏ । ଏଥିରେ ଜଣେ ଚାଷୀ ହିସାବରେ ନିଜର ଭୂମିକାକୁ ଚାଷୀଟି କେବେ ଆଲୋଚନା କରେ ନାହିଁ । ଚାଷକୁ ଠିକ୍ ଭାବେ ବୁଝିଥିଲେ ଚାଷୀ କେବେହେଲେ ଚାଷରେ ହାରିବ ନାହିଁ । ଥରେ ଯିଏ ନିଜର ଫସଲ କ୍ଷତି ହେବା ଦେଖିଛି ସେ ପୁଣିଥରେ ଫସଲର କ୍ଷତି ହେବାକୁ କେବେହେଲେ ଦେବ ନାହିଁ । ଚାଷୀ ନିଶ୍ଚୟ ଫସଲର ସେହି ରୋଗକୁ ଚିହ୍ନିବ ଏବଂ ତାହାର ଉପଚାର ବାହାର କରି ପାରିବ । ଚାଷୀ ଚାଷକୁ ବ୍ୟବସାୟିକ

ଦୃଷ୍ଟିକୋଣରୁ ବିଚାର ନକରି ଖାଦ୍ୟ ଉତ୍ପାଦକର ଭୂମିକାକୁ ନେଇ ବିଚାର ବିଚାର କଲେ ଚାଷରେ ଥିବା ସବୁ ସମସ୍ୟାର ସମାଧାନ ଆପେ ଆପେ କରି ପାରିବ ।

ରାଇକିଆ ଅଂଚଳରେ ପ୍ରାକୃତିକ କୃଷିକୁ ସମୃଦ୍ଧ କରୁଛି ମାଣ୍ଡିଆ ଚାଷ

କନ୍ଧମାଳର ଏକ କୃଷି ସମୃଦ୍ଧ ଅଂଚଳ ହେଉଛି ରାଇକିଆ ଅଂଚଳ । ବିନ୍‌ସ ଓ କୋବି ଆଦି ପରିବା ଉତ୍ପାଦନରେ ଏହା ସାରା ରାଜ୍ୟରେ ସୁପରିଚିତ । ଏହି ଅଂଚଳର ଆଦିବାସୀ ଓ ଦଳିତ ପରିବା ଚାଷୀମାନେ ଫସଲ ଉତ୍ପାଦନ ପାଇଁ ରାସାୟନୀକ ପ୍ରୟୋଗ ଅପେକ୍ଷା ଜଙ୍ଗଲୀ ପଟୁ, ଖତଗୋବର ଓ କମ୍ପୋଷ୍ଟ ଅଧିକ ବ୍ୟବହାର କରୁଥିବାରୁ ଫସଲ ସବୁରେ ପ୍ରାକୃତିକ ଗୁଣ ଭରି ରହିଥାଏ ଏବଂ ଗ୍ରାହକ ମାନଙ୍କୁ ଆକୃଷ୍ଟ କରେ । ଆଗରୁ ଏହି ଅଂଚଳର ଲୋକମାନେ ବହୁଳ ଭାବେ ମାଣ୍ଡିଆ, କୁଏରୀ, ଜନା, କାଙ୍ଗୁ ଆଦି ମାଣ୍ଡିଆ ଜାତିୟ ଫସଲ ଚାଷ କରୁଥିଲେ ମଧ୍ୟ ପ୍ରାୟ ୫୦ ବର୍ଷ ତଳୁ ଧିରେ ଧିରେ ଛାଡି ଦେଇଥିଲେ । ଚାଷୀମାନଙ୍କ ପାଖରେ ଆଉ ସେସବୁର ବିହନ ନଥିଲା ଏବଂ ଚାଷ କରିବାକୁ ଆଗ୍ରହି ମଧ୍ୟ ହେଉନଥିଲେ । ତେବେ ସ୍ଥାନୀୟ ପରିବେଶ ଓ ଜଳବାୟୁ ପାଇଁ ଏହି ସବୁ ମାଣ୍ଡିଆ ଜାତୀୟ ଫସଲ ଚାଷ ପାଇଁ ବେଶ୍ ଉପଯୋଗୀ ଅଟେ । ଏହା ଚାଷୀମାନଙ୍କୁ ଫସଲ ନିରାପତ୍ତା, ଖାଦ୍ୟ ନିରାପତ୍ତା ଓ ପୁଷ୍ଟି ନିରାପତ୍ତା ଯୋଗାଇଥାଏ । ସ୍ଥାନୀୟ ଜମି ଗୁଡିକ ଅଧିକାଂଶରେ ଢେପ ଓ ପଦର କିସମର ଏବଂ ବର୍ଷାଧାର । ତେଣୁ ଅନୀୟମିତ ବର୍ଷା ଯୋଗୁଁ ଫସଲହାନୀ ଆଶଙ୍କା ସବୁବେଳେ ରହିଥାଏ । ମାଣ୍ଡିଆ ଜାତିୟ ଶସ୍ୟ ଗୁଡିକ ଅତି କମ୍ ବର୍ଷାରେ ମଧ୍ୟ ହୋଇପାରେ ଏବଂ ଚାଷୀକୁ ଫସଲହାନୀରୁ ସୁରକ୍ଷା ଦେଇଥାଏ । ସେହିପରି ଅନ୍ୟାନ୍ୟ ଖାଦ୍ୟଶସ୍ୟ ଅପେକ୍ଷା ମାଣ୍ଡିଆ ଜାତିୟ ଶସ୍ୟ ଗୁଡିକରେ ଅଧିକ ପୁଷ୍ଟି ରହିଥାଏ । ତେଣୁ ସାଧାରଣ ଅଭାବୀ ଲୋକମାନଙ୍କ ଦୈନନ୍ଦିନ ଖାଦ୍ୟାଭ୍ୟାସରେ ଏହା ରହିଲେ ପୁଷ୍ଟିହୀନତା ଦୂର କରିଥାଏ । ଏହାଛଡା ବର୍ତ୍ତମାନର ସମୟରେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ପରିପ୍ରେକ୍ଷୀରେ ମାଣ୍ଡିଆ ଜାତିୟ ଶସ୍ୟ ଗୁଡିକର ଚାଷ ହିଁ ଚାଷୀମାନଙ୍କୁ ଏକ ଉପଯୁକ୍ତ ବିକଳ୍ପ ପ୍ରଦାନ କରିଥାଏ ।

ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଓଡିଶା ମିଲେଟ୍ ମିଶନ୍ ସହାୟତାରେ ମାଣ୍ଡିଆ ଜାତୀୟ ଚାଷର ପୁନରୁଦ୍ଧାର ଓ ପ୍ରସାର ପାଇଁ କାର୍ଯ୍ୟକ୍ରମ ଚାଲୁ ରହିଛି । ରାଇକିଆ ବ୍ଲକ୍

ଅଂଚଳର ପେଟପଙ୍ଗା, ରାଇକିଆ, ମଣ୍ଡାକିଆ, ବେରେଡାକିଆ, ଡାଡିଙ୍ଗିଆ, ସୁଗାଡବାଡି, ଗୁମାମାହା, ମାଣିକେଶ୍ୱର, କରଡା, ବଡବାରବା, ଇନ୍ଦ୍ରଗଡ ଓ ରଣବା ଆଦି ୧୨ଟି ପଂଚାୟତରେ ଏହି କାର୍ଯ୍ୟକ୍ରମ କରାଯାଉଛି । ସେଥିମଧ୍ୟରୁ ୮ଟି ପଂଚାୟତ ଦୁର୍ଗମ ଘାଟି ଅଂଚଳରେ ରହିଥିବାବେଳେ ୪ଟି ଘାଟି ତଳେ ରହିଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଗାଁ ଗୁଡିକରେ ମାଣ୍ଡିଆ ଜାତିୟ ଖାଦ୍ୟଶସ୍ୟର ବହୁଳ ଚାଷ, ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣ, ମାଣ୍ଡିଆ ଜାତିୟ ଖାଦ୍ୟର ପ୍ରସାର, ମାଣ୍ଡିଆ ଜାତିୟ ଶସ୍ୟର ଉପଯୁକ୍ତ ବଜାର ବ୍ୟବସ୍ଥା ଏବଂ ଏଥିରୁ ଅଧିକ ରୋଜଗାର ବ୍ୟବସ୍ଥା ଆଦି କାର୍ଯ୍ୟମାନ କରାଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଇକିଆ ବ୍ଲକ୍‌ର ୧୨ଟି ପଂଚାୟତର ୧୨୦୦ରୁ ଅଧିକ ଚାଷୀଙ୍କ ୫୦୦ ହେକ୍ଟରରୁ ଅଧିକ ଜମିରେ ମାଣ୍ଡିଆ ଚାଷର ପୁନରୁଦ୍ଧାର ହୋଇ ପାରିଛି । ଚାଷୀମାନେ ଉଭୟ ଖରିଫ ଓ ରବି କିସମର ମାଂଡିଆ ଚାଷ କରୁଛନ୍ତି ।

ଏହି ଚାଷ ସଂପୂର୍ଣ୍ଣ ପ୍ରାକୃତିକ କୌଶଳରେ ଜୈବିକ ପ୍ରଣାଳୀରେ କରିବା ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଚାଷୀମାନଙ୍କୁ ଧାଡିରୁଆ, ସିଷ୍ଟମାଟିକ୍ ମିଲେଟ୍ ଇନ୍‌ଟେନ୍‌ସିଫିକେସନ୍ ପଦ୍ଧତି, ମିଶ୍ରିତ ଓ ଅନ୍ତଃଚାଷ ପଦ୍ଧତି ଆଦି କୌଶଳରେ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ସେହିପରି ଗୋବର ଖତ ପ୍ରସ୍ତୁତି, ହାଣ୍ଡିଖତ, ଜିଆଖତ, କମ୍ପୋଷ୍ଟ ଏବଂ ବିଭିନ୍ନ ଜୈବିକ ଖତସାର ପ୍ରସ୍ତୁତି କୌଶଳ ସଂପର୍କରେ ତାଲିମ୍ ଦିଆ ଯାଉଛି । ଚାଷୀମାନେ କୋବି, ମୂଳା ଆଦି ପରିବା ଚାଷରେ ମିଶ୍ରିତ ଭାବେ ମାଣ୍ଡିଆ ଜାତିୟ ଶସ୍ୟ ଚାଷ କରୁଛନ୍ତି । ଏହା ସେମାନଙ୍କୁ ପରିବା ସହ ଅତିରିକ୍ତ ଆୟ ଦେଉଛି । ସେହିପରି ଧାଡିରୁଆ ଓ ଏସ୍.ଏମ୍.ଆଇ ପ୍ରଣାଳୀରେ ଚାଷକରି ଚାଷୀମାନେ ବେଶ୍ ଅଧିକ ଅମଳ କରିପାରୁଛନ୍ତି । ମିଲେଟ୍ ମିଶନ୍ ତରଫରୁ ମାଣ୍ଡିଆ ଜାତିୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରାଯିବା ସହ ମଣ୍ଡି ମାଧ୍ୟମରେ କିଣିବା ବ୍ୟବସ୍ଥା କରାଯାଇଥିବାରୁ ଚାଷୀମାନେ ଉପଯୁକ୍ତ ମୂଲ୍ୟ ପାଇପାରୁଛନ୍ତି ।

ମାଣ୍ଡିଆ ଜାତିୟ ଶସ୍ୟର ପ୍ରସାର ଏହି ଅଂଚଳର ପ୍ରାକୃତିକ କୃଷି ପରଂପରାକୁ ଉଜ୍ଜିବିତ କରିଛି । ଚାଷୀମାନେ ପନିପରିବା ଚାଷ ଓ ଧାନଚାଷରେ ମାତି ରାସାୟନୀକ ପ୍ରୟୋଗ ପ୍ରତି ଧିରେ ଧିରେ ଢଳୁଥିଲେ । ଚାଷୀମାନଙ୍କୁ ଜୈବିକ ପ୍ରୟୋଗର ଉପକାରୀତା ଏବଂ ଜୈବିକ ଖତସାର ପ୍ରସ୍ତୁତି ଆଦି ଶିକ୍ଷା ଦିଆଯିବାରୁ ସେମାନେ ରାସାୟନୀକ ସାର ଔଷଧ ନକିଣି ଜୈବିକ ଖତସାର ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି । ସେହିପରି ଏହି ଚାଷରେ କୌଣସି ରାସାୟନୀକ ପ୍ରୟୋଗ ଆବଶ୍ୟକତା ପଡୁନଥିବାରୁ ମାଣ୍ଡିଆ ଚାଷ ଅଂଚଳ ଗୁଡିକ ସଂପୂର୍ଣ୍ଣ ରାସାୟନୀକ ମୁକ୍ତ ରହୁଛି । ପରିବା ଚାଷ ସହ ଏହା ମିଶ୍ରିତ ଭାବରେ କରାଯାଉଥିବାରୁ ଚାଷୀମାନେ ଏଥିରୁ ଅତିରିକ୍ତ ଆୟ ପାଉଛନ୍ତି ଏବଂ ଏହାର କୃଷି ପ୍ରଣାଳୀ ଚାଷୀମାନଙ୍କୁ ରାସାୟନୀକ ପ୍ରୟୋଗରୁ ନିବୃତ୍ତ କରାଉଛି ।

ଡଡିଙ୍ଗିଆ ଗାଁର ଜଣେ ବଡ ପରିବା ଚାଷୀ ସିଆବନ ପ୍ରଧାନ । ପ୍ରତିବର୍ଷ ପ୍ରାୟ ୫ ଏକର ଜମିରେ ବିଭିନ୍ନ ଋତୁକାଳୀନ ପରିବା ଚାଷ କରନ୍ତି ଓ ବାର୍ଷିକ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପରିବା ଚାଷରୁ ରୋଜଗାର କରନ୍ତି । ଚାଷ

ପାଇଁ ନିଜର ଟ୍ରାକ୍ଟର, ପାଣିପମ୍ପ ଆଦି ସଂରଞ୍ଜାମ ରଖିଛନ୍ତି । ତାଛଡା ଯଯାତି, ହଜାର ଏକ, ପୂଜା, ପ୍ରତିକ୍ଷା ଆଦି ଉନ୍ନତ କିସମ ଧାନଚାଷ କରନ୍ତି । ପରିବା ଓ ଧାନଚାଷରେ କିଛିକିଛି ରାସାୟନୀକ ସାର ଔଷଧ ମଧ୍ୟ ପ୍ରୟୋଗ କରନ୍ତି । ସେ ଆଗରୁ କେବେ ମାଣ୍ଡିଆ ଚାଷ କରୁନଥିଲେ । ଆଖପାଖ ଗାଁରେ ଚାଷୀମାନେ କରୁଥିଲେ ମଧ୍ୟ ସେ ସେଥିପ୍ରତି ଆଗ୍ରହ ଦେଖାଉନଥିଲେ । ସ୍ୱାତୀ କର୍ମୀଙ୍କ ପରାମର୍ଶ କ୍ରମେ ସେ ନିଜର କୋବି ଚାଷ ସହ ଅନ୍ତଃଫସଲ ହିସାବରେ ମାଣ୍ଡିଆ ଚାଷ ପାଇଁ ଆଗ୍ରହୀ ହେଲେ ।

ମାଣ୍ଡିଆ ତଳି ପକାଇ କୋବି ଲଗାଯିବାର ଦେଢ ମାସ ପରେ ଦ୍ୱିତୀୟ ଥର ଖତସାର ଦେଇ ହୁଡା ଟେକାଯିବା ପରେ ସେଥିରେ ମାଣ୍ଡିଆ ତଳି ରୋଇଦେଲେ । ପ୍ରାୟ ୧ ଏକର ଜମିରେ ସେ ଫୁଲକୋବି ଚାଷ କରିଥିଲେ ଏବଂ ସମସ୍ତ ଜମିରେ ମାଣ୍ଡିଆ ମଧ୍ୟ ରୋଇଦେଲେ । ଏଥିପାଇଁ ତାଙ୍କୁ ଅଧିକ କୌଣସି ଖର୍ଚ୍ଚାନ୍ତ ହେବାକୁ ପଡିଲା ନାହିଁ ବା ଖତସାର ଦେବାକୁ ପଡିଲା ନାହିଁ । ପରବର୍ତ୍ତୀ ଦେଢମାସରେ କୋବି ସବୁ କଟା ହୋଇଗଲା ପରେ ମାଣ୍ଡିଆ ଗଛ ବଢିବାରେ ଲାଗିଲା । ସେ ଦେଖିଲେ ଯେ ଗୋଟିଏ ଗୋଟିଏ ମାଣ୍ଡିଆ ଗଛରେ ୫୦ରୁ ୭୦ ପର୍ଯ୍ୟନ୍ତ ପିଲ ଆସିଛି । ଫଳ ମଧ୍ୟ ସେହିପରି ହେଲା । ପ୍ରାୟ ୪ କ୍ୱିଂଟାଲ୍ ମାଣ୍ଡିଆ ସେ ଅମଳ କଲେ । କୋବି ଚାଷ ସହ ଏହାଥିଲା ତାଙ୍କର ଅତିରିକ୍ତ ଆଦାୟ । ତେବେ ଏହି ଚାଷ ସମୟରେ ସ୍ୱାତୀର କର୍ମୀମାନେ ତାଙ୍କୁ ଥରକୁ ଥର ମିଶି ରାସାୟନୀକ ପ୍ରୟୋଗ ଦ୍ୱାରା ଫସଲ ଓ ମାଟି ଉପରେ ଏହାର ପଡୁଥିବା ପ୍ରଭାବ ବିଷୟରେ ବୁଝାଇଦେଲେ । ସେହିପରି ଜୈବିକ ଖତସାର ପ୍ରସ୍ତୁତି ପ୍ରଣାଳୀ ଏବଂ ଗୋବର ଖତ ଆଦିର ପ୍ରୟୋଗ ବିଷୟରେ ବୁଝାଇଦେଲେ । ଶିଆବନ ମଧ୍ୟ ନିଜ ଚାଷ ଅନୁଭୂତିରୁ କଥାଟିକୁ ବିଚାର କଲେ । ଚାଷରେ ରାସାୟନୀକ ସାର ଔଷଧ ପ୍ରୟୋଗ ଯୋଗୁଁ ବର୍ଷକୁ ବର୍ଷ ତାହାର ପରିମାଣ ବଢାଇବାକୁ ପଡୁଥିଲା ଏବଂ ଏଥିପାଇଁ ଖର୍ଚ୍ଚ ମଧ୍ୟ ବଢୁଥିଲା । ସେହିପରି ରାସାୟନୀକ ପ୍ରୟୋଗ ସତ୍ତ୍ୱେ ଫସଲରେ ରୋଗ କେବେ କମୁନଥିଲା । ସେ ରୋଗ ପୋକ ଯୋଗୁଁ ଅଧିକାଂଶ ବର୍ଷ ପରିବା ଚାଷରୁ କ୍ଷତି ସହୁଥିଲେ । କିନ୍ତୁ ଅତି କମ୍ ଖର୍ଚ୍ଚରେ ମଧ୍ୟ ସେ ମାଣ୍ଡିଆ ଚାଷରୁ ବେଶ୍ ଲାଭବାନ ହେବାର ଅନୁଭବ କରିପାରିଲେ । ନିଜର ୧୦ଟିରୁ ଅଧିକ ଗାଈ ବଳଦ ଥିଲେ ମଧ୍ୟ ସେମାନଙ୍କ ମଳମୂତ୍ର ବ୍ୟବହାର ପ୍ରତି କୌଣସି ଗୁରୁତ୍ୱ ଦେଉନଥିଲେ । ୧୦ଟି ଗାଈ ବଳଦର ମଳମୂତ୍ର ୧୦ ଏକର ଜମିପାଇଁ ଆବଶ୍ୟକୀୟ ଖତସାର ଓ ଜୈବିକ କୀଟନାଶକ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ହୋଇପାରିବ ବୋଲି ତାଙ୍କୁ ବୁଝାଇ ଦିଆଗଲା । ସେ ଗୋବର ଖତ ପ୍ରସ୍ତୁତି, ଗୋମୂତ୍ର ସଂଗ୍ରହ ଓ ପ୍ରୟୋଗ ପଦ୍ଧତି, ପତ୍ର ଓ ନଡା ଆଦିରୁ

କମ୍ପୋଷ୍ଟ ପ୍ରସ୍ତୁତି ଏବଂ ଆଖପାଖରୁ ମିଳୁଥିବା ନିମ୍ବ, କରଞ୍ଜ, ଅରଖ ଆଦି ପତ୍ରରୁ କୀଟନାଶକ ପ୍ରସ୍ତୁତି କଲେ ତାଙ୍କୁ ନିଜ ଚାଷ ପାଇଁ କୌଣସି ରାସାୟନୀକ ସାର ଔଷଧ କିଣିବାକୁ ପଡିବ ନାହିଁ ବୋଲି ବୁଝାଇ ଦିଆଗଲା । ଏବେ ଶିଆବନ ନିଜେ ଖତ ଓ କମ୍ପୋଷ୍ଟ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି ଏବଂ ରାସାୟନୀକ ପ୍ରୟୋଗ କମାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

କୋବି ସହ ମାଣ୍ଡିଆ ଅନ୍ତଃଚାଷ କରି ବେଶ୍ ଲାଭବାନ ହେଲେ ବିରେନ୍ଦ୍ର

ରାଇକିଆ ବ୍ଲକ୍ ସୁଗଡବାଡି ପଂଚାୟତ ଡିବାରି ଗାଁର ଜଣେ ଯୁବଚାଷୀ ବିରେନ୍ଦ୍ର । ମାଟ୍ରିକ୍ ଯାଏ ପାଠ ପଢି ଡ୍ରାଇଭିଂ ଶିଖି ଡ୍ରାଇଭର କାମ କରୁଥିଲେ । ତେବେ ଗତ ୨୦୨୦ ମସିହାରୁ କରୋନା କଟକଣା ପରେ ବାହାରେ ଗାଡି ଚଲାଇବା ସମ୍ଭବ ନହେବାରୁ ଗାଁରେ ହିଁ ରହିବାକୁ ପଡିଲା ତାଙ୍କୁ । ତେବେ ରୋଜଗାର ନଥିବାରୁ ନିଜର ୭ ଜଣିଆ ପରିବାର ଚଳାଇବାରେ ଅନେକ ଅଭାବ ଅସୁବିଧାର ସମ୍ମୁଖିନ ହେଲେ ସେ । ନିଜର ପ୍ରାୟ ୫ ଏକର ଚାଷ ଜମି । ୨ ଏକର ଜମିରେ ଧାନ ଚାଷ ହୁଏ । ବାକି ୩ ଏକର ପଦର ଜମିରେ କେବେ କେମିତି ପନିପରିବା, ଶୋରିଷ, କାନ୍ଦୁଲ ଆଦି ଚାଷ ହୁଏ । ବିରେନ୍ଦ୍ର ଆଉ ଡ୍ରାଇଭିଂ ଉପରେ ନିର୍ଭର ନକରି ଚାଷରୁ ହିଁ ପରିବାର ଚଳାଇବାକୁ ନିଷ୍ପ□ ନେଲେ । ଅଂଚଳରେ ପନିପରିବା ଚାଷ ବହୁଳ ଭାବେ ହେଉଥିବାରୁ ସେ ଉଭୟ ବର୍ଷା ଦିନିଆ ଓ ଶୀତ ଦିନିଆ ପରିବା ଚାଷ ପାଇଁ ଯୋଜନା କଲେ । ବର୍ଷାଦିନେ ବିନ୍‌ସ, କୋବି, ବାଇଗଣ, ଟମାଟୋ ଆଦି ଚାଷ କଲେ । ସେହିପରି ଶୀତ ଦିନେ କୋବି, ଆଳୁ, ମଟର, ପିଆଜ ଆଦି ଚାଷ କଲେ । ତେବେ ପରିବା ଚାଷରେ ରାସାୟନୀକ ସାର ଔଷଧ ନଦେଇ ଅଧିକ ପରିମାଣରେ ଗୋବର ଓ କମ୍ପୋଷ୍ଟ ଆଦି ଦେବାକୁ ନିଷ୍ପ ତ୍ତି ନେଲେ । ନିଜର ଗାଈ ଛେଳି ନଥିବାରୁ ବାହାରୁ ଗୋବର ଖତ କିଣିଲେ । ସେହିପରି ଚାଷୀ ମାନଙ୍କ ଠାରୁ ଶିଖି ବିଭିନ୍ନ ଜୈବିକ ଖତ ମଧ୍ୟ ପ୍ରସ୍ତୁତ କଲେ । ଚାଷ ପ୍ରତି ନିଜର ଏକାଗ୍ରତା ଯୋଗୁଁ ବର୍ଷ ଦୁଇଟାରେ ସେ ଅଂଚଳର ଜଣେ ଜଣାଶୁଣା ପରିବା ଚାଷୀ ପାଲଟି ଗଲେ । ପନିପରିବାରୁ ବାର୍ଷିକ ଏକ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର ପାଇଲେ ସେ ।

ସ୍ୱାତୀ ମାଧ୍ୟମରେ ମିଲେଟ୍ ମିଶନ୍ ସହାୟତାରେ ତାଙ୍କ ଗାଁ ସହ ଅଂଚଳରେ ମାଣ୍ଡିଆ ଜାତିୟ ଫସଲ ଚାଷର ପ୍ରସାର ପାଇଁ କାର୍ଯ୍ୟକ୍ରମ ଚାଲିଥିଲା । ବିରେନ୍ଦ୍ର ମଧ୍ୟ ମାଣ୍ଡିଆ ଚାଷ ପାଇଁ ଆଗ୍ରହ ଦେଖାଇଲେ । ତେବେ କେଉଁ ଜମିରେ ଏହା ଚାଷ କରିବେ ତାହା ଭାବି ଚିନ୍ତାରେ ପଡିଗଲେ । ଧାନ ଜମି ସବୁ ଖାଲ କିସମ ଥିବାରୁ ସେଥିରେ କରିବାକୁ ତାଙ୍କର ଇଚ୍ଛା ନଥିଲା ଏବଂ ପଦର ଜମି ସବୁରେ ପରିବା ଚାଷ କରି ସେ ନିଜର ପରିବାର ଚଳାଉଥିଲେ । ସେ କୋବି ଚାଷ କରୁଥିବା ପଦର ଜମିରେ ଏହା କୋବି ସହ ଅନ୍ତଃଚାଷ କରିବେ ବୋଲି ଠିକ୍ କଲେ । ନିଜର ମନକଥା ସେ ସ୍ୱାତୀ କର୍ମୀଙ୍କୁ ଜଣାଇଲେ । ସ୍ୱାତୀ କର୍ମୀ ତାଙ୍କୁ ସ୍ଥାନୀୟ କୃଷି ବିଭାଗ ଅଧିକାରୀଙ୍କ ସହ ଭେଟାଇଦେଲେ । ସେ ବିରେନ୍ଦ୍ରଙ୍କୁ କୋବି ସହ କିପରି ମାଣ୍ଡିଆ ଚାଷ ମିଶାଇ କରିହେବ ତାହା ବୁଝାଇଦେଲେ ।

ସେ ପ୍ରାୟ ୨ ଏକର ଜମିରେ ବନ୍ଧା କୋବି ଚାଷ କରି ଥିଲେ । ସେଥିରେ ମାଣ୍ଡିଆ ଚାଷ ପାଇଁ ଅନ୍ୟତ୍ର ଏକ ସ୍ଥାନରେ ଚାରା ପକାଇଲେ । କୋବି ଚାରା ଲଗାଇବାର

ଦେଢ ମାସ ପରେ ୨ୟ ଥର ଖତସାର ପ୍ରୟୋଗ ସମୟରେ କୋବିକୁ ହୁଡା ଟେକି ଦେଇ ପ୍ରତି କୋବି ଗଛ ମଝିରେ ଗୋଟିଏ ଲେଖାଏଁ ମାଣ୍ଡିଆ ଚାରା ଲଗାଇଦେଲେ । କୋବି ସହ ମାଣ୍ଡିଆ ଗଛ ବଢିଲା । ଦେଢ ମାସ ପରେ କୋବି ସବୁ କାଟି ସେ ବିକ୍ରି କରିଦେଲେ । ସେତେବେଳକୁ ମାଣ୍ଡିଆ ଗଛ ସବୁ ବେଶ୍ ହୃଷ୍ଟପଷ୍ଟ ହୋଇ ସାରିଥିଲା । ଏହାପରେ ମାଣ୍ଡିଆ ସ୍ୱାଧିନ ଭାବରେ ବଢିଲା ଏବଂ କେଣ୍ଡା ଧରିଲା । ପରବର୍ତ୍ତୀ ଦେଢ ମାସରେ ଏହା ପାଚି ଅମଳ ଯୋଗ୍ୟ ହୋଇଗଲା ।

ବିରେନ୍ଦ୍ରଙ୍କ ପାଇଁ ଏହା ଏକ ନୂଆ ଅନୁଭୂତି ଥିଲା । ତାଙ୍କର ମାଣ୍ଡିଆ ବହୁତ ଭଲ ହୋଇଥିଲା ଏବଂ ଆଖପାଖର ଚାଷୀମାନେ ଏହା ଦେଖି ବହୁତ ଆଶ୍ଚର୍ଯ୍ୟ ହେଲେ । କାରଣ ତାଙ୍କର ମାଣ୍ଡିଆ ଏମିତି ଫଳ ଆସିଥିଲା ଯେ ଖାଲି ଜମିରେ ବୁଣା ମାଣ୍ଡିଆ ଠାରୁ ବି ଅଧିକ ଥିଲା । ୨ ଏକର ଜମିରୁ ସେ ୬ କ୍ୱିଂଟାଲ୍‌ରୁ ଅଧିକ ମାଣ୍ଡିଆ ଅମଳ କରିଛନ୍ତି ।

ସେହିପରି କୋବି ପାଇଁ ଆବଶ୍ୟକୀୟ ଜଳ ସେଚନ ଓ ଖତସାରରେ ମାଣ୍ଡିଆ ମଧ୍ୟ ଚାଷ ହୋଇ ପାରିଲା । ଏହି ଚାଷରୁ କ୍ୱିଂଟାଲ୍ ପ୍ରତି ୩,୨୯୫ ଟଙ୍କା ହିସାବରେ ଅତିରିକ୍ତ ପ୍ରାୟ ୨୦ ହଜାର ଟଙ୍କା ସେ ପାଇବେ ବୋଲି ଆଶା ରଖିଛନ୍ତି । ତାଙ୍କର ଏହି ଚାଷ ଦେଖି ଅନ୍ୟ ଚାଷୀମାନେ ମଧ୍ୟ ସେହି ପ୍ରଣାଳୀରେ ଚାଷ କରିବାକୁ ଏବେ ଆଗ୍ରହ ପ୍ରକାଶ କରୁଛନ୍ତି ।

କନ୍ଧମାଳିଆ ଶୋରିଷ ଶାଗ

ଶିତଦିନ ଆରମ୍ଭରେ କନ୍ଧମାଳର ବିଲପଦର ଯୁଆଡେ ଚାହିଁବ ସିଆଡେ ଦୁଶିବ ହଳଦୀ ଗୁରୁଗୁରୁ ଶୋରିଷ କ୍ଷେତ । ଶୋରିଷ କନ୍ଧମାଳର ଏକ ମୁଖ୍ୟ ତୈଳବୀଜ ଫସଲ । ପ୍ରାୟ ଅଧିକାଂଶ ଚାଷୀ ପରିବାର କିଛି ନା କିଛି ଶୋରିଷ ଚାଷ କରିଥାନ୍ତି । ଢେପ ଜମି ଗୁଡିକରେ ଧାନ କଟା ପରେ ଶୋରିଷ ବୁଣି ଦିଅନ୍ତି । ସେହିପରି ପଦର ଜମି ଓ ବାଡ ଆଦିରେ ଶୋରିଷ ବୁଣନ୍ତି । ଶୋାରିଷ ବୁଣିବାର ଆଉ ଏକ ମୁଖ୍ୟ କାରଣ ହେଲା ଏହାର ଶାଗ । ପ୍ରାୟ ଦୁଇ ମାସ ଯାଏ ଏହା ପରିବାରକୁ ଶାଗ ଯୋଗାଏ । ବେଶ୍ ସ୍ୱାଦିଷ୍ଟ ଓ ରୁଚିକର ଏହାର ଶାଗ । ପ୍ରାୟ ପ୍ରତି ପରିବାର ଏହି ସମୟରେ ପ୍ରତିଦିନ ଖାଦ୍ୟରେ ଶୋରିଷ ଶାଗ ଭଜା ନିଶ୍ଚୟ କରିଥାନ୍ତି । ସ୍ଥାନୀୟ ଚାକିରିଆ ଓ କିଣି ଖାଉଥିବା ଲୋକମାନେ ମଧ୍ୟ ବଜାରରୁ ଓ ଚାଷୀ ମାନଙ୍କ ଠାରୁ ଶୋରିଷ ଶାଗ କିଣି ନିଅନ୍ତି ।

ଶୋରିଷ ଶାଗକୁ ଚାଷୀମାନେ ପରବର୍ତ୍ତୀ ସମୟରେ ବ୍ୟବହାର ପାଇଁ ମଧ୍ୟ ସାଇତି ରଖନ୍ତି । ଏହାର ବଡବଡ ପତ୍ର ସବୁକୁ ତୋଳି ଦେଇ ଭଲ ଭାବରେ ଧୋଇ ଦିଅନ୍ତି । ତାପରେ ସେଗୁଡିକ ଭଲ ଭାବରେ ଶୁଖାଇ ଦିଅନ୍ତି । ପତ୍ର ଗୁଡିକ ଶୁଖି ଗଲାପରେ ସେଗୁଡିକ ଗୁଣ୍ଡ କରି ଡବାରେ ସାତି ରଖନ୍ତି । ପରବର୍ତ୍ତୀ ସମୟରେ ସେଗୁଡିକ ପାଣିରେ ଭିଜାଇ ରସୁଣ ଲଙ୍କା ଆଦି ମିଶାଇ ଚଟଣି କରନ୍ତି । ବିଭିନ୍ନ ତରକାରୀରେ ମଧ୍ୟ ସେହି ପତ୍ରକୁ ପକାନ୍ତି ।

କନ୍ଧମାଳିଆ ଶୋରିଷ ସ୍ଥାନୀୟ ପ୍ରାକୃତିକ କୃଷିର ଏକ ସୁନ୍ଦର ନମୂନା । ଏହି ଚାଷ ପାଇଁ ବିଶେଷ କିଛି ସାଧନର ଆବଶ୍ୟକ ପଡେନାହିଁ । ଚାଷୀମାନେ ନିଜେ ବିହନ ରଖିଥାନ୍ତି । ସେପ୍ଟେମ୍ବର/ଅକ୍ଟୋବର ମାସ ବେଳକୁ ଢେପଜମି ଧାନ କାଟି ଜମିକୁ ଚାଷ କରି ସେଥିରେ ଶୋରିଷ ବୁଣି ଦିଅନ୍ତି । ଏହାପରେ ଚାଷୀକୁ ଆଉ କୌଣସି କଷ୍ଟ କରିବାକୁ ପଡେ ନାହିଁ । ଜମିରେ ଥିବା ଆର୍ଦ୍ରତାରେ ଶୋରିଷ ଗଛ ହୋଇ ବଢେ । ଶୀତଦିନିଆ ଅସ୍ତ୍ରାଏ ଦୁଇ ଅସ୍ତ୍ରା ବର୍ଷା ଶୋରିଷ ପାଇଁ ଯଥେଷ୍ଟ । ଏହା କୌଣସି ସାର ବା କୀଟନାଶକ ଆବଶ୍ୟକ କରେନାହିଁ । ଡିସେମ୍ବର ମାସ ବେଳକୁ ଫୁଲ ଓ ଫଳ ଧରିବା ଆରମ୍ଭ କରେ । ଜାନୁଆରୀ/ଫେବୃଆରୀ ମାସ ବେଳକୁ ଶୋରିଷ ଅମଳ ହୁଏ ।

ଶୋରିଷ ଚାଷ କେବଳ ରୋଜଗାର ଓ ଖାଦ୍ୟର ଏକ ଉତ୍ସ ନୁହେଁ ବରଂ ସ୍ଥାନୀୟ ପ୍ରାକୃତିକ ଜୈବବିବିଧତା ସନ୍ତୁଳନର ଏକ ମାଧ୍ୟମ । ଶୋରିଷ ଫୁଲ ସମୟରେ ବହୁଳ ଭାବେ ମହୁମାଛି ମାନଙ୍କୁ ଆକୃଷ୍ଟ କରିଥାଏ । ମହୁମାଛି ଜାତୀୟ ଅନେକ କୀଟ ଖାଦ୍ୟ ପାଆନ୍ତି । ସ୍ଥାନୀୟ ଫସଲରୁ କୀଟପୋକ ନୀୟନ୍ତ୍ରଣରେ ଏମାନେ ପ୍ରମୁଖ ଭୂମିକା ତୁଲାଇଥାନ୍ତି । ତେଣୁ ଚାଷୀମାନେ ଶୀତଦିନିଆ ପରିବା ଚାଷରେ ଫସଲ କ୍ଷେତ ହୁଡାରେ ଶୋରିଷ ଲଗାଇଦେଇଥାନ୍ତି । ସେହିପରି ପରିବା କ୍ଷେତ ମଝିରେ ଅରାଏ ଲେଖାଏଁ ଶୋରିଷ ବୁଣିଦେଇଥାନ୍ତି । ଏହା ପ୍ରାକୃତିକ ରୋଗ ଓ କୀଟ ନୀୟନ୍ତ୍ରଣରେ ସହାୟକ ହୋଇଥାଏ । ବହୁଳ ଭାବେ ଶୋରିଷ ଚାଷ ଅଂଚଳରେ ମହୁମାଛି ପାଳନ ଓ ମହୁ ଉତ୍ପାଦନରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ ।

ଟିକିଦେଓ ପ୍ରଧାନଙ୍କ ଜୈବିକ କୃଷି କୌଶଳ

ରାଇକିଆ ବ୍ଲକ୍ ଗୁମାମାହ ପଂଚାୟତ ସନ୍ଦକୁପା ଗାଁର ଟିକିଦେଓ ପ୍ରଧାନ । ବୟସ ୫୦ ବର୍ଷରୁ ଅଧିକ ହେବ । ସ୍ତ୍ରୀ ଜନନୀ, ଦୁଇ ପୁଅ ଓ ଗୋଟିଏ ଝିଅକୁ ନେଇ ପାଂଚ ଜଣିଆ ପରିବାର ତାଙ୍କର । ଝିଅଟି ଗ୍ରାଜୁଏସନ୍ ଓ ପୁଅ ୨ଜଣରୁ ଜଣେ ମେଟ୍ରିକ୍ ଓ ଜଣେ ଯୁକ୍ତ ଦୁଇ ବିଜ୍ଞାନ ପଢେ । ଜଣେ ସଫଳ ପରିବା ଚାଷୀ ହିସାବରେ ସାରା ଅଂଚଳର ଲୋକେ ତାଙ୍କୁ ଜାଣନ୍ତି । ବର୍ଷକୁ ଲକ୍ଷାଧିକ ଟଙ୍କାର ପନିପରିବା ସେ ବିକ୍ରି କରିଥାନ୍ତି । ଏହି ଚାଷରୁ ହିଁ ପରିବାରର ଖାଦ୍ୟ ସହ ଯାବତୀୟ ଖର୍ଚ୍ଚ ଏବଂ ପିଲାମାନଙ୍କ ପଢାଖର୍ଚ୍ଚ ତୁଲାଇଥାନ୍ତି ସେ । ତେବେ ଜୀବନରେ ଅନେକ ରୋଜଗାର ପନ୍ଥା କରି ସେସବୁଥିରେ ଅସଫଳ ହେବାପରେ ଶେଷରେ ଚାଷକୁ ହିଁ ଆଦରି ନେଇଛନ୍ତି ।

ଦାରିଙ୍ଗବାଡିରେ ସେ ମେଟ୍ରିକ୍ ପଢିଥିଲେ । ମେଟ୍ରିକ୍ ପରେ ଚାଲିଗଲେ ଭୁବନେଶ୍ୱର । ସେଠାରେ ଏକ ଇଲେକ୍ଟ୍ରିକ୍ ଦୋକାନରେ ବିଦ୍ୟୁତ୍ ମରାମତି କାମ ଶିଖିଲେ । ସେଠାରୁ ଫେରିଆସି ରାଇକିଆରେ ଏକ ସାଇକେଲ ମରାମତି ଦୋକାନ ଖୋଲିଲେ । ଦୋକାନ ଭଲ ଚାଲିଥିଲା । ତେବେ ରାସ୍ତା ଚଉଡା ହେବା ଯୋଗୁଁ ତାଙ୍କ ଦୋକାନ ଭାଙ୍ଗିଗଲା । ଶେଷରେ ସେ ଗାଁକୁ ଫେରି ଆସିଲେ । ଗାଁରେ ତାଙ୍କର ପ୍ରାୟ ୭ ଏକର ଜମି । ୩ ଏକର ଜମିରେ ଧାନ ଚାଷ ହୁଏ ଓ ବାକି ୪ ଏକର ଜମିରେ କାନ୍ଦୁଲ ଶୋରିଷ ଆଦି ବୁଣି ଦିଅନ୍ତି । ସେ ଚାଷରୁ ହିଁ ପରିବାର ଚଳାଇବାକୁ ଯୋଜନା କଲେ । ବାହାରେ ଦୀର୍ଘ ୨୦ ବର୍ଷ କଟାଇଥିବାରୁ ତାଙ୍କର ବାହ୍ୟ ଅଭିଜ୍ଞତା ଓ ବଜାର ସଂପର୍କିତ ଜ୍ଞାନ ଥିଲା । ପ୍ରଥମେ ସେ ନିଜ ପଦର ଜମିରେ ପରିବା ଚାଷ ପାଇଁ ବ୍ୟବସ୍ଥା କଲେ । ଜଳ ସେଚନ ସୁବିଧା ନଥିବାରୁ ପ୍ରଥମେ ବର୍ଷାଦିନିଆ ପରିବା କଲେ । ସ୍ତ୍ରୀ ଜନନୀ ମଧ ତାଙ୍କୁ ସହଯୋଗ କଲେ । ୨ ବର୍ଷ ପରେ ସେ ନିଜ ଜମିରେ ଜଳ ସେଚନ ପାଇଁ ବୋରିଂଟିଏ ଖୋଳିଲେ । ଏଥର ସେ ବର୍ଷ ସାରା ଜମିରେ ବିଭିନ୍ନ ପରିବା ଚାଷ କରିବାକୁ ସୁବିଧା ପାଇଲେ ।

ସେ ଲକ୍ଷ୍ୟକଲେ ଯେ ପରିବା ଚାଷରେ ରାସାୟନୀକ ପ୍ରୟୋଗ ଯୋଗୁଁ ତାହାର ପ୍ରାକୃତିକ ଗୁଣ ନଷ୍ଟ ହେଉଛି । ତାହାର ସ୍ୱାଦ କମି ଯାଉଛି । ତାଛଡା ସେଗୁଡିକ ବେଶି ଦିନ ସଂରକ୍ଷଣ କରି ହେଉନାହିଁ । ଆଭ୍ୟନ୍ତରୀଣ ଗାଁ ହୋଇଥିବାରୁ ବ୍ୟବସାୟୀ ନ ଆସିଲେ ବା ହାଟବଜାରକୁ ଯାଇ ନପାରିଲେ ରାସାୟନୀକ ସାର ଔଷଧ ପଡିଥିବା ପରିବା ସବୁ ନଷ୍ଟ ହୋଇଯାଉଛି । ତେଣୁ ରାସାୟନୀକ ପ୍ରୟୋଗ କମାଇ ଗୋବର ଖତ ଓ କମ୍ପୋଷ୍ଟ ପ୍ରୟୋଗ କରି ପରିବା ଚାଷ କରିବାକୁ ସେ ନିଷ୍ପତ୍ତି ନେଲେ । ନିଜର ଥିବା ଗାଈ ସହ ଆଉ କିଛି ଗାଈ ବଳଦ ରଖିଲେ । ସେମାନଙ୍କ ଗୋବରରୁ ଖତ ପ୍ରସ୍ତୁତ କଲେ । ଏହି ବେଳକୁ ମାଧମ ଫାଉଣ୍ଡେସନ୍ ସଂସ୍ଥା ତରଫରୁ ତାଙ୍କୁ କଦଳି ବଗିଚା ଓ ଅମୃତଭଣ୍ଡା ଚାଷ ପାଇଁ ସହାୟତା ମିଳିଲା । ସେମାନଙ୍କ ତରଫରୁ ଚାଷୀମାନଙ୍କୁ ରାସାୟନୀକ ପ୍ରୟୋଗ ନକରି ବିଭିନ୍ନ ଜୈବିକ ଖତସାର ପ୍ରସ୍ତୁତି ସଂପର୍କରେ ତାଲିମ ଦିଆଗଲା । ଟିକିଦେଓ ସେହି ତାଲିମ୍‌ରୁ ହାଣ୍ଡିଖତ, ଜୀବାମୃତ, ମ୍ୟାଜିକ୍ ଖତ ଆଦି ପ୍ରସ୍ତୁତି ଶିଖିଲେ । ସେହିପରି ନିଜେ ଜିଆଖତ କୁଣ୍ଡ କରି ଜିଆଖତ ପ୍ରସ୍ତୁତ କଲେ ।

ଏବେ ଟିକିଦେଓ ଫୁଲକୋବି, ବନ୍ଧାକୋଟି, ବିନ୍‌ସ, ବାଇଗଣ, ଟମାଟୋ, ଲଙ୍କା, ମଟର, ମୂଳା ଆଦି ବିଭିନ୍ନ ଋତୁକାଳୀନ ପରିବା ଚାଷ କରୁଛନ୍ତି । ଏହି ସବୁ ପରିବା ଚାଷ ପାଇଁ ସେ ବିଭିନ୍ନ ଜୈବିକ ଖତସାର ପ୍ରୟୋଗ କରିଥାନ୍ତି । ସେ ନୀୟମିତ ହାଣ୍ଡିଖତ ପ୍ରସ୍ତୁତ କରି କୋବି, ବାଇଗଣ, ଟମାଟୋ, ମଟର, ବିନ୍‌ସ ଆଦିରେ ପ୍ରୟୋଗ କରନ୍ତି ଏବଂ ତାହା ବେଶ୍ ଫଳପ୍ରଦ ହୋଇଥାଏ ବୋଲି କୁହନ୍ତି । ସେହିପରି ପୋକ ନଲାଗିବା ପାଇଁ ଜୀବାମୃତ, ପଂଚଗବ୍ୟ ନିମାର୍କ ଆଦି ପ୍ରସ୍ତୁତ କରି ପ୍ରୟୋଗ କରନ୍ତି । ଚାରା ଉତ୍ପାଦନ ପାଇଁ ଜିଆଖତ ବେଶ୍ ଭଲ କାମ ଦିଏ ଓ ଫସଲରେ ଜିଆଖତ ପ୍ରୟୋଗ ଦ୍ୱାରା ଗଛ ବେଶ୍ ହୃଷ୍ଟପୁଷ୍ଟ ହୋଇଥାଏ ବୋଲି ସେ କହନ୍ତି ।

ଯିବାକୁ ପଡେନାହିଁ । ଚାଷୀ ନିଜେ ଗାଈ ଗୋବର ଓ ମୁତ୍ର ସଂଗ୍ରହ କରିପାରିବ । ଆଖ ପାଖରୁ ନିମ୍ବପତ୍ର, ଅରଖ ପତ୍ର, କରଞ୍ଜ ପତ୍ର ଆଦି ସଂଗ୍ରହ କରି ପାରିବ । ସେହିପରି ନଜେ ପାଳିଥିବା କୁକୁଡା ମଳ, ଛେଳି ଖତ ମଧ୍ୟ ଫସଲ ପାଇଁ ବହୁତ ଉପାଦେୟ । ରାସାୟନୀକ ସାର ଔଷଧ କିଣିବା ଏକ ବ୍ୟବସାୟିକ ପ୍ରଲୋଭନ ମାତ୍ର । ସାର ଔଷଧ ବ୍ୟବସାୟୀମାନେ ନିଜ ବ୍ୟବସାୟ ବଢାଇବା ପାଇଁ ବିଭିନ୍ନ ଟିଭି, ଖବରକାଗଜ ଓ ବହି ମାଧ୍ୟମରେ ଲୋକମାନଙ୍କୁ ପ୍ରଲୋଭିତ କରୁଛନ୍ତି । ଚାଷୀମାନେ ତାହା ଦେଖି ଶୁଣି ଅଭ୍ୟାସରେ ପରିଣତ କରିଦେଇଛନ୍ତି । କୋବି ଚାଷରେ ରାସାୟନିକ ସାର ନଦେଲେ ତାହା ଭଲ ହେବ ନାହିଁ ବୋଲି ଧାରଣା ହୋଇଯାଇଛି । କିନ୍ତୁ ଏହା ସବୁ ଭୁଲ୍ ଧାରଣା ।

ତାଙ୍କ ମତରେ ଜୈବିକ ସାର ଔଷଧ ସବୁ ପ୍ରକୃତି ଦତ୍ତ ପଦାର୍ଥରୁ ମିଳିଥାଏ । ତାହା ରାସାୟନୀକ ପଦାର୍ଥପରି ଫସଲର ବା ଖାଉଥିବା ଲୋକମାନଙ୍କର କୌଣସି କ୍ଷତି ପହଂଚାଏ ନାହିଁ । ବରଂ ଏହା ମାଟିର ଉର୍ବରତା ବଢାଇବା ସହିତ ଫସଲର ସ୍ୱାଦ, ଗନ୍ଧ ଓ ପୁଷ୍ଟି ବଢାଇଥାଏ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହା ପ୍ରସ୍ତୁତ କରିବାର ସମସ୍ତ ଆବଶ୍ୟକୀୟ ଜିନିଷ ଚାଷୀ ପାଖରେ ଉପଲବ୍ଧ ଏବଂ ତାକୁ ବଜାରକୁ ବା ଦୋକାନୀ ପାଖକୁ

ଟିକିଦେଓଙ୍କ ଉତ୍ପାଦିତ ପରିବା ଗୁଡିକର ଚାହିଦା ଢେର୍ ବେଶୀ । ବ୍ୟବସାୟୀମାନେ ଆଗ୍ରହର ସହ ତାଙ୍କ ପରିବା ସବୁ କିଣି ନିଅନ୍ତି । ସେହିପରି ସ୍ଥାନୀୟ ହାଟ ଗୁଡିକରେ ମଧ୍ୟ ତାଙ୍କ ପରିବା ବହୁତ ଶୀଘ୍ର ବିକ୍ରି ହୋଇଯାଏ । ନିଜ କୃଷି ଅଭିଜ୍ଞତାକୁ ନେଇ ସେ କୁହନ୍ତି ଯେ - ଜମି ସହ ବିହନ ଓ ଖତସାର ହେଉଛି ଚାଷୀର ପରିଚୟ । ଯେଉଁ ଚାଷୀ ଏସବୁଥିରେ ଆତ୍ମନିର୍ଭରଶୀଳ ସେ ହିଁ ପ୍ରକୃତ ଚାଷୀ । କମ୍ପାନୀ ମାନେ ବଜାରରେ ବିଭିନ୍ନ ଚିତ୍ର ଦେଖାଇ ବିହନ

ବିକ୍ରି କରୁଛନ୍ତି । ଚାଷୀମାନେ ଭଲ ଚିତ୍ର ଦେଖି ସେହି ବିହନ କିଣୁଛନ୍ତି । ସେ ବିହନ ସବୁ ରାସାନୀକ ସାର ଔଷଧ ବିକ୍ରିକୁ ନେଇ ପ୍ରସ୍ତୁତ ହୋଇଛି ଏବଂ ସେଥିରେ ତାହା ପ୍ରୟୋଗ ନକଲେ ଭଲ ଫଳ ହେଉନାହିଁ । ତେଣୁ ଆଗକୁ ସେ ନିଜେ ବିଭିନ୍ନ ପରିବା ବିହନ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହା ଜୈବିକ ଖତସାର ଉପଯୋଗୀ ହେବ ଓ ଚାଷୀ ନିଜେ ବିହନ ନିଜେ ରଖିପାରିବ ।

ଘରର ଖାଦ୍ୟ ଆବଶ୍ୟକତା ପାଇଁ ନଇମିନୀଙ୍କ ଘରବାଡି ବଗିଚା

ଲାମୁଙ୍ଗିଆ ଗାଁର ୫୦ ବର୍ଷ ବୟସ୍କା ନଇମିନୀ ପ୍ରଧାନ । ସ୍ୱାମୀ ମୋହନ, ଝିଅ, ପୁଅ ଓ ବୋହୂ ଆଦିଙ୍କୁ ମିଶାଇ ଛ ଜଣିଆ ପରିବାର ତାଙ୍କର । ଚାଷରୁ ହିଁ ପରିବାର ଚଳେ । ଅଭାବୀ ପରିବାର ହେତୁ ବଜାରରୁ ପନିପରିବା କିଣି ଖାଇବା ସମ୍ଭବ ହୁଏ ନାହିଁ । ବର୍ଷ ଯାକର ଖାଦ୍ୟ ତାଙ୍କୁ ଚାଷରୁ ହିଁ ଆଦାୟ କରିବାକୁ ପଡେ । ଜମି ମାତ୍ର ଦୁଇ ଏକର । ଗୋଟିଏ ଏକରରେ ଧାନ ଚାଷ ହୁଏ । ଗୋଟିଏ ଏକର ପଦର କିସମ ଜମି । ଘର ପାଖରେ କିଛି ବାଡ ରହିଛି । ପଦର ଓ ବାଡ ଜମିରେ ସେମାନେ ବିଭିନ୍ନ ଋତୁକାଳୀନ ପରିବା ଚାଷ କରନ୍ତି । ତେବେ ବିକ୍ରି ଅପେକ୍ଷା ଘରଖର୍ଚ୍ଚ ପାଇଁ ପରିବା ଚାଷ ଉପରେ ସେମାନେ ବେଶି ଗୁରୁତ୍ୱ ଦିଅନ୍ତି । ତେଣୁ ନାନା ଜାତିର ପନିପରିବା ମିଶାମିଶି କରି ଚାଷ କରନ୍ତି ।

ନଇମିନି ବାଡିବଗିଚା କରିବାରେ ବେଶ୍ ଅଭିଜ୍ଞା । କିଣା ପନିପରିବାରେ ସ୍ୱାଦ ନାହିଁ କି ବାସ୍ନା ନାହିଁ ବୋଲି ସେ ଜାଣନ୍ତି । ତେଣୁ ଘରୋଇ ପରିବା ଚାଷରେ ସେ କେବେ ସାର ବା ଔଷଧ ପକାନ୍ତି ନାହିଁ । ନିଜର ୪ ଗାଈ ବଳଦ ଅଛନ୍ତି । ଚାଷରେ ସେମାନଙ୍କ ଖତ ଗୋବର ବ୍ୟବହାର କରନ୍ତି । ପରିବା ଚାଷ ପାଇଁ ନିଜେ ଅଧିକାଂଶ ବିହନ ରଖିଥାନ୍ତି । କୋବି ଓ ମୂଳା ପରି କେତେକ ପରିବା ପାଇଁ ପାଖ ଚାଷୀଙ୍କ ଠାରୁ ଚାରା କିଣି ଆଣନ୍ତି । ବର୍ଷାଦିନେ ଜହ୍ନି, ଭେଣ୍ଡି, ବିନ୍‌ସ, ଶିମ୍ବ, ବୋଇତାଳୁ, ଲାଉ, ପାଣିକଖାରୁ, ବିଭିନ୍ନ ଶାଗ ଆଦି କରନ୍ତି । ସେହିପରି ଶୀତ ଦିନେ କୋବି, ମୂଳା ଆଳୁ, ବାଇଗଣ, ଲଙ୍କା, ଟମାଟୋ ଆଦି ପରିବା ଚାଷ କରନ୍ତି । ବାଡରେ କଦଳୀ, ଅମୃତଭଣ୍ଡା, ସଜନା, ବରଡାଶାଗ ଆଦି ଦୈନିକ ତରକାରୀ ଯୋଗାଉଥିବା ଗଛ ଲଗାଇଛନ୍ତି । ହୁଡାରେ ମାଟିଆଳୁ ଓ କନ୍ଦା ବି ଲଗାଇଛନ୍ତି । ପ୍ରାୟ ୩୦ରୁ ଅଧିକ ପ୍ରକାର ଶାଗ ସେ ଚିହ୍ନନ୍ତି । ବର୍ଷର ସବୁ ସମୟରେ ଶାଗ ମିଳିଥାଏ ବୋଲି ସେ କହନ୍ତି । ସେହିପରି ପଦରରେ ହେଉଥିବା କାନ୍ଦୁଲ, କୋଳଥ, ବିରି ଆଦିରୁ ଘରର ଡାଲି ଖର୍ଚ୍ଚ ତୁଲ ହୋଇଯାଏ । ତେଲ ଖର୍ଚ୍ଚ ପାଇଁ ଶୋରିଷ ବୁଣନ୍ତି । ଅଦା, ହଳଦୀ ଓ ପିଆଜ ଆଦି ସବୁ ଚାଷରୁ ମିଳେ । ଘର ଖାଇବା ପାଇଁ କୌଣସି ଜିନିଷ ହାଟ ବଜାରରୁ କିଣିବା ତାଙ୍କର ଆଦୌ ପସନ୍ଦ ନୁହେଁ ।

ଘରବାଡିର ପ୍ରାୟ ସମସ୍ତ ଦାୟିତ୍ୱ ନିଅନ୍ତି ନଇମିନି । ବାଡିରେ ଗୋବର ଖତ ଗାତ ଟିଏ କରଛନ୍ତି । ତା ସହ କମ୍ପୋଷ୍ଟ ଗାତ ଟିଏ ମଧ୍ୟ କରିଛନ୍ତି । ବିଭିନ୍ନ ନଡା ପାଳ, ଅଗାଡି, ଘାସ କୁଟା, ଶୁଖିଲା ପତ୍ର, ଘରୋଇ ଅଳିଆ, ପରିବା ଚୋପା ଆଦି କମ୍ପୋଷ୍ଟ ଗାତରେ ପକାଇ ଖତ ତିଆରି କରନ୍ତି । ପରିବା ଚାଷ ପାଇଁ ପଟାଳୀ ହାଣି ସେଥିରେ ଖତ କମ୍ପୋଷ୍ଟ ମିଶାଇ ଦିଅନ୍ତି । ଗଛ ବଢିବା ପାଇଁ ଗୋବର ଓ ଗାଈମୂତ ଆଦି ଗୋଳେଇ ଫସଲରେ ଦିଅନ୍ତି । ପୋକ ଲାଗିଲେ ପାଉଁଶ ଓ ନିମ୍ବ ତେଲ ଆଦି ପକାନ୍ତି । ଅଳିଆ ଜାଳି ଧୁଆଁ ଦିଅନ୍ତି । ନଇମିନୀଙ୍କ ମତରେ ପ୍ରତି ପରିବାର ଭିନ୍ନ ଭିନ୍ନ ସ୍ୱାଦ ଓ ବାସ୍ନା ଥାଏ । ଖତ ଗୋବର ଦେଇ ଚାଷ କଲେ ତାହା ଅତୁଟ ରୁହେ । କିନ୍ତୁ ଆଜିକାଲି ଲୋକମାନେ ବଜାରରେ ବିକ୍ରିକରିବେ ବୋଲି ଅଧିକ ସାର ପିଡିଆ ପକାଇ ଦେଉଛନ୍ତି । ଫସଲରେ ସ୍ୱାଦ କି ବାସ୍ନା କିଛି ବି ରହୁନାହିଁ । ଖାଇବା ବେଳେ ରୁଚିକର ମଧ୍ୟ ହେଉନାହିଁ । ତାହା ଅନେକ ପେଟରୋଗ ସୃଷ୍ଟି କରୁଛି । ତେଣୁ ସବୁଲୋକ ନିଜେ ଶୁଦ୍ଧ ଓ ସତେଜ ଜିନିଷ ଖାଇବା ପାଇଁ ପ୍ରଥମେ ଗୁରୁତ୍ୱ ଦେବା ଦରକାର ବୋଲି କହନ୍ତି ନଇମିନୀ ।

ଚାଷୀଙ୍କ ପାଇଁ ଶିକ୍ଷାକ୍ଷେତ୍ର ପାଲଟିଛି ମିସାନନ୍ଦ ଓ ଜୀବନୀଲତାଙ୍କ ବଗିଚା

ପ୍ରାୟ ଦଶ ଏକର ଜମିରେ ମିସାନନ୍ଦ ଓ ଜୀବନୀଲତାଙ୍କ ପରିବା ଓ ଫଳ ବଗିଚା । ପଚାଶ ପ୍ରକାରରୁ ଅଧିକ ଦେଶୀ ଓ ଉନ୍ନତ କିସମର ପନିପରିବା ଏବଂ ୨୦ରୁ ଅଧିକ ପ୍ରକାରର ବିଭିନ୍ନ ଫଳ ଗଛରେ ଭରପୁର ବଗିଚାଟି । ବାର୍ଷିକ ୬ରୁ ୭ ଲକ୍ଷ ଟଙ୍କାର ଫସଲ ଉତ୍ପାଦିତ ହୋଇଥାଏ ସେଠାରୁ । ରାସାୟନୀକ ପ୍ରୟୋଗ ଅପେକ୍ଷା କମ୍ପୋଷ୍ଟ, ଗାଈ ଗୋବର ଓ ଛେଳି କୁକୁଡାଖତ ଅଧିକ ପ୍ରୟୋଗ କରିଥାନ୍ତି ସେ । ନିଜେ ମଧ୍ୟ ପରିବା ବିହନ ସବୁ ରଖି ସେଥିରେ ଚାଷ କରିଥାନ୍ତି । ସ୍ୱାମୀ ମିସାନନ୍ଦଙ୍କ ସହ ମିଶି ଦୀର୍ଘ ପନ୍ଦର ବର୍ଷ ଅକ୍ଳାନ୍ତ ପରିଶ୍ରମ କରି ସେ ଏହି ବଗିଚାଟି ଗଢିଛନ୍ତି । ତେଣୁ ଚାଷ ଓ ଫସଲ ଉତ୍ପାଦନରେ ଢେର୍ ଅଭିଜ୍ଞତା ତାଙ୍କର । ତାଙ୍କଠାରୁ ବିଭିନ୍ନ ଫସଲର ଚାଷ କୌଶଳ ଜାଣିବାକୁ ଏବଂ ବିଭିନ୍ନ ମଂଜି ଓ ଚାରା ସଂଗ୍ରହ କରିବାକୁ ଆଖପାଖ ଗାଁର ଚାଷୀମାନେ ନୀୟମିତ ତାଙ୍କ ବଗିଚାକୁ ଆସିଥାନ୍ତି । ମିସାନନ୍ଦ ଓ ଜୀବନୀଲତାଙ୍କ ସହ ମିଶି ଚାଷ ବିଷୟରେ ବିଭିନ୍ନ ଆଲୋଚନା କରିଥାନ୍ତି ଏବଂ ତାଙ୍କ ବଗିଚାର ଫସଲ ବିବିଧତା ଓ ଉପାର୍ଜନରେ ବେଶ୍ ପ୍ରଭାବିତ ହୁଅନ୍ତି । ସ୍ଥାନୀୟ ଅଂଚଳରେ ଜଣେ ଆଦର୍ଶ ଚାଷୀ ହିସାବରେ ପରିଚିତ ଥିବାରୁ ସରକାରୀ କୃଷି ଅଧିକାରୀ ମାନ ମଧ୍ୟ ତାଙ୍କର ବଗିଚା ପରିଦର୍ଶନରେ ଯାଇ ଅଭିଜ୍ଞତା ହାସଲ କରିଥାନ୍ତି ।

ମିସାନନ୍ଦଙ୍କ ନିଜ ଗାଁ ରାଇକିଆ ବ୍ଲକ୍ ଡଡିଙ୍ଗିଆରେ । ପନ୍ଦର ବର୍ଷ ତଳେ ସେ ଜୀବନୀଲତାଙ୍କୁ ବିବାହ କରିଥିଲେ । ଜୀବନୀଲତା ମାଟ୍ରିକ୍ ପାଠ ପଢିଛନ୍ତି । ତେଣୁ ଏକ ଉନ୍ନତ ଜୀବନ ବଂଚିବାର ସ୍ୱପ୍ନ ସଦାବେଳେ ତାଙ୍କର ରହିଥିଲା । ମିସାନନ୍ଦଙ୍କ ସହ ବିବାହ ପରେ ସେମାନେ କିପରି ଅଧିକ ଉପାର୍ଜନ କରିବେ ସେ ବିଷୟରେ ଯୋଜନା କଲେ । ଗାଁ ପାଖରେ ରୋଜଗାରର ବିଶେଷ ସୁବିଧା ନଥିବାରୁ ସେତେବେଳେ ଅନେକ ଯୁବକ ରୋଜଗାର ଆଶାରେ ଗାଁ ଛାଡି ଭୁବନେଶ୍ୱର ଓ ବାହାର ରାଜ୍ୟକୁ ଚାଲି ଯାଉଥିଲେ । ଜମିଥିଲେ ମଧ୍ୟ ଚାଷବାସ ପ୍ରତି ବିଶେଷ ଗୁରୁତ୍ୱ ଦେଉନଥିଲେ । ମିସାନନ୍ଦଙ୍କର ଗାଁଠାରୁ ୩ କିଲୋମିଟର ଦୂର ପାହାଡ ତଳି ଜଙ୍ଗଲ ଅଂଚଳ ସୁନାପାଙ୍ଗାରେ ପ୍ରାୟ ୧୦ ଏକର ଜମି ରହିଛି । ଜଙ୍ଗଲୀ ଜମି ହୋଇଥିବାରୁ ସେଠାରେ ଭଲ ଫସଲ ହୁଏ ନାହିଁ । ଶୋରିଷ, କାନ୍ଦୁଲ, କୋଳଥ ଆଦି ସେଥିରେ ବୁଣାବୁଣି କରନ୍ତି । ଅଧିକାଂଶ ଜମି ମାଳଲଟା ହୋଇ ପଡିଥାଏ । ମିସାନନ୍ଦ ଅଧିକ ରୋଜଗାର ପାଇଁ ବାହାରକୁ ଚାଲିଯିବାକୁ ଚାହୁଁଥିବାବେଳେ ଜୀବନୀଲତା ସେହି ଜମିରେ ପରିବା ଚାଷ କରି ପରିବାରର ଉନ୍ନତୀ ପାଇଁ ପ୍ରସ୍ତାବ ଦେଲେ । ଏହାପରେ ଉଭୟ ସେହି ଜମିକୁ ବଗିଚାରେ ପରିଣତ କରିବାରେ ଲାଗିପଡିଲେ ।

ପ୍ରଥମେ ସେମାନେ ସେଠାରେ ଅଳ୍ପ କିଛି ଜମିରେ ବାଇଗଣ ଓ ଟମାଟୋ ଆଦି ପରିବା ସହ କାନ୍ଦୁଲ ଓ ଶୋରିଷ ଆଦି ଚାଷ କଲେ । ନାଳ କୂଳିଆ ଜମିରେ ଧାନ ଚାଷ କଲେ । ସେଠାରେ ଆମ୍ବ, ପିଜୁଳି ଓ କଦଳୀ ଆଦି ଫଳ ଗଛ ଲଗାଇଲେ । ନିଜର କିଛି ଗାଈ ଛେଳି ଥିବାରୁ ସେମାନେ ଖତ ଗୋବର ଦେଇ ଭଲ ଚାଷ କଲେ । ପରବର୍ଷ ଆହୁରି କିଛି ଅଧିକ ଜମିରେ ପରିବା ଚାଷ କଲେ ଓ ଭଲ ରୋଜଗାର ପାଇଲେ । ତେବେ ଗାଁ ଠାରୁ ସେଠାକୁ ପ୍ରତିଦିନ ୫/୬ କିଲୋମିଟର ରାସ୍ତା ଚାଲିବାକୁ ପଡୁଥିବାରୁ ସ୍ୱାମୀ ସ୍ତ୍ରୀ ଉଭୟେ ସେଠାରେ ଘର କରି ରହିବାକୁ ସ୍ଥିର କଲେ । ସେଠାରେ ଘରଟିଏ ତୋଳିଲେ । ଗାଈ ଛେଳି ଆଦିଙ୍କୁ ସେଠାରେ ରଖିଲେ ଏବଂ ବଗିଚାକୁ ବଢାଇବାକୁ ଲାଗିପଡିଲେ । ଆଗରୁ ଜଳସେଚନର ସୁବିଧା ନଥିବାରୁ ସେମାନେ କେବଳ ବର୍ଷାଦିନିଆ ପରିବା ଚାଷ କରୁଥିଲେ । ଏହାପରେ ସେ ପାଣି ପମ୍ପଟିଏ କିଣିଲେ ଏବଂ ପାଖ ନାଳରୁ ପାଣି ମଡାଇବାର ସୁବିଧା କଲେ । ଫଳରେ ସାରା ବର୍ଷ ତାଙ୍କୁ ବିଭିନ୍ନ ଋତୁକାଳୀନ ପରିବା ଚାଷ କରିବାକୁ ସୁବିଧା ହେଲା । ବର୍ଷକୁ ବର୍ଷ ଅଧିକରୁ ଅଧିକ ଜମିରେ ସେ ପରିବା ଚାଷ କଲେ । ଫୁଲକୋବି, ବନ୍ଧାକୋବି, ଓଲକୋବି, ମୂଳା, ଟମାଟୋ,ବାଇଗଣ, ଭେଣ୍ଡି, ଜହ୍ନି, ଆଦି ହରେକ ରକମ ପରିବା ସହ ବିନ୍‌ସ, ଗୁଆଁର, ଶିମ୍ବ, ବରଗୁଡି, ମଟର, ଆଳୁ, ସାରୁ, କନ୍ଦମୂଳ, ଓଲୁଅ, ମାଟିଆଳୁ ଆଦି ଚାଷ କଲେ । ଦୁଇ ଏକର ଜମିରେ ଅଦା ଓ ହଳଦୀ ଚାଷ କଲେ । ଲଙ୍କା, ପିଆଜ, ରସୁଣ ଧନିଆ ଆଦି ମସଲା ଜିନିଷ ମଧ୍ୟ ଲଗାଇଲେ । କିଛି ଜମିରେ ଶୋରିଷ, ରାଶି ଆଦି ବୁଣିଲେ । ସେହିପରି କାନ୍ଦୁଲ, ଚଣା, ମୁଗ, ବିରି ଆଦି ଡାଲି ଜାତୀୟ ଚାଷ ମଧ୍ୟ କଲେ । ମକା, ଜନା ଆଦି ମଝିରେ ମଝିରେ ବୁଣିଦେଲେ । କିଛି ବର୍ଷ ମଧ୍ୟରେ ତାଙ୍କ ବଗିଚାଟି ଏକ ପରିବା ଉତ୍ପାଦନ କେନ୍ଦ୍ରରେ ପରିଣତ ହୋଇଗଲା । ତାଙ୍କ ଫସଲ କିଣିବା ପାଇଁ ଆଖପାଖ ଅଂଚଳର ବ୍ୟବସାୟୀ ମାନେ ଧାଡିବାନ୍ଧିଲେ । ମିସାନନ୍ଦ ନିଜେ ମଧ୍ୟ ଆଖପାଖ ହାଟରେ ଫସଲ ସବୁ ନେଇ ବିକ୍ରି କଲେ ।

ନିଜ ବଗିଚା ପାଖରେ ସେ ସ୍ଥାୟୀ ଭାବେ ରହିବାକୁ ଲାଗିଲେ । ତାଙ୍କର ଛେଳି ସଂଖ୍ୟା ବଢି ବଢି ଦେଢଶହ ହୋଇଗଲା । ସେମାନଙ୍କ ଖତକୁ ସେ ଫସଲରେ ଉପଯୋଗ ଉପେଯାଗ କଲେ । ସେହିପରି ସରକାରୀ ସହାୟତାରେ ଜିଆଖତ କୁଣ୍ଡ କରି ଜିଆଖତ ମଧ୍ୟ ଉତ୍ପାଦନ କଲେ । କୃଷି କର୍ମଚାରୀ ମାନଙ୍କ ଠାରୁ ଶିଖି ହାଣ୍ଡିଖତ ଓ ପଂଚାମୃତ ଆଦି ଜୈବିକ ଖତ ପ୍ରସ୍ତୁତି ଓ ପ୍ରୟୋଗ କଲେ ।

ନିଜେ ସୁଇଟ୍‌କର୍ଣ୍ଣ, ବ୍ରକୋଲି ଓ ଗାଜର ଆଦି ମଧ୍ୟ ଚାଷ କଲେ । ସେ ଲକ୍ଷ୍ୟ କଲେ ଯେ ପରିବା ପାଇଁ ବଜାରରୁ ମଂଜି କିଣି ସେ ଅନେକ ସମୟରେ ଅସୁବିଧାର ସମ୍ମୁଖିନ ହେଇଛନ୍ତି । କେବେ କେବେ ତାହା ଠିକ୍ ଭାବେ ଚାରା ହେଉନାହିଁ ତ ଆଉ କେବେ ଭଲ ଫଳ ଆସୁନାହିଁ । ତେଣୁ ଜୀବନୀଲତା ବିଭିନ୍ନ ପରିବାର ମଂଜି ନିଜେ ରଖିବାକୁ ଚେଷ୍ଟା ଆରମ୍ଭ କଲେ । ସେ ମୂଳା ଓ ଭେଣ୍ଡି ମଂଜି ରଖି ସେହି ମଂଜିରେ ନିଜେ ଚାଷ କରି ସୁଫଳ ପାଇଲେ । ଅନ୍ୟ ଚାଷୀମାନଙ୍କୁ ମଧ୍ୟ ମଂଜି ବାଂଟିଲେ ।

ଏବେ ମିସାନନ୍ଦ ଓ ଜୀବନୀଲତା ଅଂଚଳର ଆଦର୍ଶ ଚାଷୀ ଭାବେ ଜଣାଶୁଣା । ପନ୍ଦର ବର୍ଷ ତଳେ ଯେଉଁ ସ୍ୱପ୍ନ ଦେଖି ସେ ବଗିଚାଟି ଆରମ୍ଭ କରିଥିଲେ ସେ ସ୍ୱପ୍ନ ଆଜି ପୁରଣ ହୋଇଛି ବୋଲି କହନ୍ତି ଜୀବନୀଲତା । ଆଜି ତାଙ୍କ ବଗିଚାରୁ ବାର୍ଷିକ ୬ ଲକ୍ଷ ଟଙ୍କାରୁ ଅଧିକ ଉପାର୍ଜନ ମିଳିପାରୁଛି । ଚାଷ ଓ ଜଳସେଚନ ପାଇଁ ସମସ୍ତ ସରଞ୍ଜାମ ମଧ୍ୟ ସେ କିଣି ପାରିଛନ୍ତି । ତାଙ୍କ ମତରେ ଉଭୟ ଖାଦ୍ୟ ଓ ରୋଜଗାର ପାଇଁ ଚାଷର କୌଣସି ବିକଳ୍ପ ନାହିଁ । ଏବେ ସେମାନେ ସ୍ୱାମୀ ସ୍ତ୍ରୀ ଙ୍କ ସହ ଆହୁରି ୩/୪ ଜଣ ଏଠାରେ ଦୈନିକ କାମ ପାଉଛନ୍ତି । ଏବେ ସେମାନଙ୍କ ପୁଅ ଝିଅ କଲେଜରେ ପଢୁଛନ୍ତି । ପାଠପଢା ପରେ ସେମାନେ ଏହି ବଗିଚାର ପରିଚାଳନା ପ୍ରତି ଧ୍ୟାନ ଦେଲେ ତାଙ୍କ ରୋଜଗାର ଚିନ୍ତା ରହିବ ନାହିଁ ବୋଲି ମତ ଦିଅନ୍ତି ମିସାନନ୍ଦ ।

ଚାଷରେ କ୍ଷତି ଦ୍ରୌପଦୀଙ୍କୁ ଦେଖାଇଲା ନୂଆ ରାସ୍ତା

ରାଇକିଆ ବ୍ଲକ୍ ଲାମୁଙ୍ଗିଆ ଗାଁର ଦ୍ରୌପଦୀ ପ୍ରଧାନ । ସ୍ୱାମୀ ପ୍ରକାଶ, ଦୁଇ ପୁଅ ଓ ଝିଅଙ୍କୁ ନେଇ ପାଂଚଜଣିଆ ପରିବାର ତାଙ୍କର । ଚାଷ ହିଁ ପରିବାର ଚଳିବାର ଏକମାତ୍ର ମାଧ୍ୟମ । ଜମି ତିନି ଏକର । ସେଥିରୁ ଗୋଟିଏ ଏକର ଜମିରେ ଧାନ ଚାଷ ହୁଏ । ଅନ୍ୟ ଦୁଇ ଏକର ପଦର କିସମ ଜମି । ଆଗରୁ ସେଥିରେ ଶୋରିଷ, ମକା, ବାଇଗଣ ଆଦି ଚାଷ କରୁ ଥିଲେ । ତେବେ ଅଂଚଳରେ ବଜାର ଭିତ୍ତିକ ପରିବା ଚାଷ ବହୁ ମାତ୍ରରେ ପ୍ରସାର ହେବାରୁ ସେ ମଧ୍ୟ ସେହି ପଦର ଜମିରେ ପରିବା ଚାଷ କରିବାକୁ ଇଚ୍ଛା କଲେ । ଜମି ପାଖରେ ଥିବା ଖାଲୁଆ ଝର ଜାଗାଟିରେ ଜାନୁଆରୀ ମାସ ଯାଏ ପାଣି ରହୁଥିଲା । ତେଣୁ ସେ ଜଳସେଚନ ପାଇଁ ପାଣି ପମ୍ପ ଟିଏ କିଣିଲେ । ବର୍ଷା ଓ ଶୀତଦିନିଆ ବିଭିନ୍ନ ପରିବା ଚାଷ କଲେ । ଫୁଲ ଓ ବନ୍ଧାକୋବି, ବିନ୍‌ସ ଓ ମଟର ଆଦି ପରି ବଜାର ଉପଯୋଗୀ ପରିବା ଚାଷ ଅଧିକ ପରିମାଣରେ କଲେ । ପ୍ରଥମେ ବର୍ଷେ ଦୁଇବର୍ଷ ଭଲ ଅମଳ ହେଲା । ହେଲେ ପରବର୍ତ୍ତୀ ବର୍ଷ ଗୁଡିକରେ ସେ କ୍ଷତି ସହି ଚାଲିଲେ । କେଉଁ ବର୍ଷ ଭଲ ଅମଳ ନ ଆସିବାରୁ କ୍ଷତି ହେଲା ତ ଆଉ କେଉଁ ବର୍ଷ ରୋଗପୋକ ଲାଗି ଫସଲ ନଷ୍ଟ ହୋଇଗଲା । ପୁଣି କେଉଁ ବର୍ଷ ଫସଲ ସବୁର ବଜାର ମୂଲ୍ୟ କମି ଯିବାରୁ କ୍ଷତି ପହଂଚିଲା । ପନିପରିବା

ଫସଲରେ ଖର୍ଚ୍ଚ ବେଶ୍ ଅଧିକ ଥିଲା । ନିଜର ଦୈନିକ ପରିଶ୍ରମକୁ ବାଦ୍‌ଦେଲେ ମଂଜି, ସାର, ହର୍‌ମୋନ୍ ଓ କୀଟନାଶକ ଆଦି ପାଇଁ ବେଶ୍ କିଛି ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା ତାଙ୍କୁ । ନିଜର ଅଭାବ ଅବସ୍ଥା ଯୋଗୁଁ ଋଣ କରଜ କରି ସେ ଚାଷ କରୁଥିଲେ । ଫସଲ ବିକି ଋଣ ଶୁଝିବା ସହ ପରିବାର ଖର୍ଚ୍ଚ ପାଇଁ କିଛି ମିଳିବ ବୋଲି ତାଙ୍କର ଆଶା ଥିଲା । କିନ୍ତୁ ଫସଲ ଠିକ୍ ନହେବାରୁ ଋଣ ମଧ୍ୟ ଶୁଝି ପାରିଲେ ନାହିଁ ।

ଚାଷରେ ବର୍ଷକୁ ବର୍ଷ ଏହି ଦୁରାବସ୍ଥା ତାଙ୍କୁ ବହୁତ ଚିନ୍ତାଗ୍ରସ୍ତ କଲା । ପରିବାରର ଅଭାବ ବଢିଗଲା । ଏହି ସମୟକୁ ଗାଁରେ ମିଲେଟ୍ ମିଶନ କାର୍ଯ୍ୟକ୍ରମ ଚାଲୁଥିବାରୁ ଚାଷୀମାନଙ୍କୁ ରାସାୟନୀକର ବିକଳ୍ପ ଭାବରେ ଜୈବିକ ଖତସାର ପ୍ରସ୍ତୁତି ଓ ପ୍ରୟୋଗ ସଂପର୍କରେ ବୁଝା ଯାଉଥିଲା । ସ୍ୱାତୀ ଅନୁଷ୍ଠାନର କର୍ମୀ ତାଙ୍କର କ୍ଷେତ ବୁଲି ତାଙ୍କୁ ରାସାୟନୀକ ପ୍ରୟୋଗ କମାଇ ଜୈବିକ ପ୍ରୟୋଗ ଗୁରୁତ୍ୱ ଦେବାକୁ ବୁଝାଇଲେ । ଦ୍ରୌପଦୀଙ୍କର ଦୁଇଟି ଗାଈ ଥିଲେ । ସେମାନଙ୍କ ଗୋବର ଓ ମୁତ୍ରକୁ ସଂଗ୍ରହ କରି ସେଥିରେ କିପରି କମ୍ପୋଷ୍ଟ ଓ ବିଭିନ୍ନ ଜୈବିକ ଖତସାର ଓ କୀଟନାଶକ ପ୍ରସ୍ତୁତ କରିହେବ ତାହା ବୁଝାଇ ଦେଲେ । ତାଛଡା ଏକ ପ୍ରକାର ଫସଲ ନକରି ବିଭିନ୍ନ ପ୍ରକାର ମିଶାମିଶି ଫସଲ କଲେ ତାହା ଫସଲର ରୋଗପୋକ କମାଇବାରେ ସହାୟକ ହେବ ବୋଲି ଜଣାଇଲେ । ଏହାଦ୍ୱାରା ପରିବାରର ଖାଦ୍ୟ ସୁରକ୍ଷା ସାଙ୍ଗକୁ ବଳକା ପରିବା ସେ ବିକ୍ରି କରିପାରିବେ ବୋଲି ବୁଝାଇ କହିଲେ ।

ଦ୍ରୌପଦୀ କଥାଟିକୁ ହୃଦୟଙ୍ଗମ କଲେ । ଚାଷ ପାଇଁ ସେ କମ୍ପୋଷ୍ଟ ଓ ଗୋବରଖତ ପ୍ରସ୍ତୁତ କଲେ । ନିଜର ଜମିରେ ଗୋଟିଏ ଦୁଇଟି ଫସଲ ନକରି ୫ରୁ ୭ ପ୍ରକାର ମିଶାମିଶି ଫସଲ କରିବାକୁ ଯୋଜନା କଲେ । ଜମିରେ ଅଧିକ ଗୋବର ଖତ ଓ କମ୍ପୋଷ୍ଟ ଦେଇ ଉର୍ବର କଲେ । ଚାରା ପ୍ରସ୍ତୁତି, ଚାରା ରୋପଣ ଆଦି ସମୟରେ ଜୈବିକ ଖତ ପ୍ରସ୍ତୁତି କରି ପ୍ରୟୋଗ କଲେ । ସେ ଲକ୍ଷ୍ୟ କଲେ ଯେ ରାସାୟନୀକ ସାର ନଦଲେ ମଧ୍ୟ ଫସଲ ବୃଦ୍ଧିରେ ବିଶେଷ କିଛି ପରିବର୍ତ୍ତନ ଦେଖାଯାଉନାହିଁ । ଏହା ତାଙ୍କର ମନୋବଳ ବେଶ୍ ବଢାଇଦେଲା । ସେ ଆଗ୍ରହର ସହ ବଗିଚାର ଯତ୍ନ ନେଲେ । ଫସଲ ମଧ୍ୟ ବେଶ୍ ଭଲ ହେଲା । ପ୍ରତି ପରିବା ବେଶ୍ ଭଲ ଅମଳ ହେଲା । ନିଜର ପରିବାର ଖର୍ଚ୍ଚ ସହ ହାଟରେ କିଛି ମଧ୍ୟ ବିକ୍ରି କଲେ । ସେ ଅନୁଭବ କଲେ ଯେ ଚାଷରେ ତାଙ୍କର ଖର୍ଚ୍ଚ ପୂର୍ବ ବର୍ଷ ଅପେକ୍ଷା ବହୁତ କମିଛି । ରୋଗପୋକ ହୋଇନାହିଁ ଏବଂ ଅମଳ ମଧ୍ୟ ଭଲ ହୋଇଛି । ପରିବା ବିକ୍ରିରୁ କିଛି ରୋଜଗାର ମଧ୍ୟ ହୋଇ ପାରିଛି । ଦ୍ରୌପଦୀ ମତରେ ଚାଷରୁ ଅଧିକ ରୋଜଗାର ଆଶାରେ ରାସାୟନୀକ ପ୍ରୟୋଗ କରି ସେ ବର୍ଷକୁ ବର୍ଷ କ୍ଷତି ସହି ଚାଲିଥିଲେ । ହେଲେ ଏବେ ଏଥିରୁ ମୁକୁଳିବାର ରାସ୍ତା ତାଙ୍କୁ ମିଳିଯାଇଛି ।

କନ୍ଧମାଳ ଉତ୍ପାଦ ଗୁଡିକର ବ୍ୟବସାୟକୁ ନିଜ ରୋଜଗାର ସଂସ୍ଥାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ନିକୁଞ୍ଜ

ରାଇକିଆ ବ୍ଲକ୍ ପେଟାପଙ୍କା ପଂଚାୟତ କାମାଗୁଡା ଗାଁର ଜଣେ ଶିକ୍ଷିତ ଆଦିବାସୀ ଯୁବକ ନିକୁଞ୍ଜ ପ୍ରଧାନ । ସ୍ଥାନୀୟ ରାଇକିଆ କଲେଜରୁ ଯୁକ୍ତ ୩ ପଢା ଶେଷ କରିବା ପରେ ନିଜର ରୋଜଗାର ସଂସ୍ଥାନ ପାଇଁ ଏକ ନୂଆ ଯୋଜନା କରିଛନ୍ତି । କନ୍ଧମାଳରେ ଉତ୍ପାଦିତ ହେଉଥିବା ଶସ୍ୟ ଓ ପନିପରିବା ଗୁଡିକର ଏକ ସ୍ୱାତନ୍ତ୍ରତା ରହିଥିବାରୁ ତାହାକୁ ଏକ ବ୍ରାଣ୍ଡ ନାଁରେ ବ୍ୟବସାୟିକ ଉଦ୍ୟୋଗ ଆରମ୍ଭ କରିବା ପାଇଁ ସେ ପ୍ରଚେଷ୍ଟା କରୁଛନ୍ତି ସେ ।

ନିକୁଞ୍ଜ ଏବେ ସ୍ଥାନୀୟ ରାଇକିଆ ଚାଷୀ ଉତ୍ପାଦକ ସଂଘର ସଂପାଦକ ରହିଛନ୍ତି । ୨୦୧୧ ମସିହାରେ ପାଠପଢା ପରେ ସେ ଚାକିରୀ ପାଇଁ ଅନେକ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନଥିଲେ । ତେଣୁ ପରିବାର ଚଳାଇବା ପାଇଁ ଚାଷକୁ ଆଦରି ନେଲେ । ତେବେ ଚାଷ ଜମି କମ୍ ଥିବାରୁ ସେଥିରେ ଚଳିବା ବହୁତ ଅସୁବିଧା ହେଉଥିଲା । ଧାନଚାଷ ସହ ମାଣ୍ଡିଆ ଓ ବିଭିନ୍ନ ପନିପରିବା ଚାଷରୁ ଗୁଜୁରାଣ ମେଂଟାଉଥିଲେ । ୨୦୧୮ ମସିହାରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ଗଢାଯାଇଥିବା ରାଇକିଆ ଚାଷୀ ଉତ୍ପାଦକ ସଂଘର ଜଣେ ସଦସ୍ୟ ଭାବେ ସେ ଯୋଗ ଦେଲେ । ତାଙ୍କର ଯୋଗ୍ୟତା ଓ ସାଂଗଠନିକ ଆଗ୍ରହ ଦେଖି ସଂଘ ତରଫରୁ ତାଙ୍କୁ ସଂପାଦକ ଭାବେ ନିଯୁକ୍ତି ଦିଆଗଲା । ଉତ୍ପାଦକ ସଂଘର ଦାୟିତ୍ୱ ନେବାପରେ ତାଙ୍କୁ ବିଭିନ୍ନ କୃଷି ଅଂଚଳ ବୁଲିବାର ଏବଂ କୃଷକ ମାନଙ୍କ ସହ ଚାଷବାସ, ବଜାର ବ୍ୟବସ୍ଥା ଆଦି ସଂପର୍କରେ ଆଲୋଚନାର ସୁଯୋଗ ମିଳିଲା । କନ୍ଧମାଳର କୃଷି ଉତ୍ପାଦ ଗୁଡିକର ବିଶେଷତ୍ୱ, ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ କିପରି ଏଗୁଡିକର ଚାହିଦା ସୃଷ୍ଟି କରିଛନ୍ତି ସେସବୁ ବିଷୟରେ ବିଭିନ୍ନ ସମୟରେ ଆଲୋଚନାରୁ ବୁଝିଲେ । ଏସବୁ ସତ୍ତ୍ୱେ ସ୍ଥାନୀୟ ଉତ୍ପାଦ ସବୁର ପ୍ରଶସ୍ତ ବଜାର ସୁବିଧା ନଥିବାରୁ ଚାଷୀମାନ କ୍ଷତିଗ୍ରସ୍ତ ହେଉଥିବା ଏବଂ ସେମାନଙ୍କ ଜିନିଷ ଗୁଡିକର ସଠିକ୍ ମୂଲ୍ୟାୟନ ହେଉନଥିବା ସେ ହୃଦ୍‌ବୋଧ କଲେ । ସେ ମଧ୍ୟ ଅନୁଭବ କଲେ ଯେ ଚାଷରୁ ଉପାର୍ଜନର ସୁଯୋଗ ନପାଇ ଗାଁ ଗହଳିରୁ ବହୁତ ଯୁବକ ବାହାର ଅଂଚଳକୁ କାମଧନ୍ଦା ଖୋଜି ଚାଲି ଯାଉଛନ୍ତି । ସ୍ଥାନୀୟ ଅଂଚଳରୁ ବହୁତ ଯୁବକ ଭୂବନେଶ୍ୱର, ବ୍ରହ୍ମପୁର ଓ କଟକ ଆଦି ସହରରେ ରହି ମଜୁରୀ କାମ ଖଟୁଛନ୍ତି । ଏହି ସବୁ ସହର ଗୁଡିକରେ ପ୍ରତି ଅଂଚଳରେ ବହୁଳ ସଂଖ୍ୟାରେ ପରିବା ଦୋକାନ ରହିଛି ଏବଂ ଖାଉଟି ମଧ୍ୟ ରହିଛନ୍ତି । ତାଛଡା ପରିବା ବ୍ୟବସାୟକୁ ଏକ ଲାଭଜନକ ବ୍ୟବସାୟ ଭାବେ ସେମାନେ ଧରି ନେଇଛନ୍ତି । ସହରର ଖାଉଟି ମାନେ ଅଧିକାଂଶରେ ଶିକ୍ଷିତ ଓ ସଚେତନ ଶ୍ରେଣୀର ହୋଇଥିବାରୁ ରାସାୟନୀକ ସାର ଔଷଧ ପଡିନଥିବା ଭଲ ଜିନିଷ ଖୋଜୁଛନ୍ତି । ଏହି ସବୁ ସହର ମାନଙ୍କରେ କନ୍ଧମାଳ

ଜିନିଷ ଗୁଡିକର ମଧ୍ୟ ବହୁତ ଆଦର ରହିଛି । କନ୍ଧମାଳ ହଳଦୀ ସହ ଅଦା, ମାଣ୍ଡିଆ, ପାଳୁଅ, ଶୋରିଷ, ବିରି ଆଦିର ବହୁତ ଚାହିଦା ରହିଛି । ତେଣୁ ଯୁବକ ମାନେ ସେସବୁ ସ୍ଥାନମାନଙ୍କରେ ଯଦି କନ୍ଧମାଳ ପରିବା ହେଉ ବା ଅନ୍ୟାନ୍ୟ ଜିନିଷ ମାନଙ୍କର ଦୋକାନ ମାନ ଖୋଲନ୍ତେ ବା ହାଟ ବ୍ୟବସାୟ କରନ୍ତେ ତାହେଲେ ବେଶ୍ ଉପାର୍ଜନକ୍ଷମ ହୋଇପାରନ୍ତେ । କନ୍ଧମାଳର ବାସିନ୍ଦା ମାନେ ଦୋକାନ ପରିଚାଳନା କଲେ ଲୋକମାନଙ୍କର କନ୍ଧମାଳ ଜିନିଷ ବୋଲି ବିଶ୍ୱାସ ଆସନ୍ତା । କନ୍ଧମାଳ ସହ ଏହିସବୁ ସ୍ଥାନ ମାନଙ୍କୁ ଭଲ ଯୋଗାଯୋଗ ବ୍ୟବସ୍ଥା ଥିବାରୁ ସତେଜ ଓ ସଜ ଜିନିଷ ମଧ୍ୟ ପହଂଚାଯାଇପାରନ୍ତା ।

ନିକୁନ୍ତ ସହରରେ ରହୁଥିବା ନିଜ ଅଂଚଳର ଯୁବକ ମାନଙ୍କୁ ସଂପୃକ୍ତ କରି ଏହିପରି ବ୍ୟବସାୟ ଆରମ୍ଭ କରିବା ଯୋଜନା କରିଛନ୍ତି । ଉତ୍ପାଦକ ସଂଘରେ ରହିବା ଯୋଗୁଁ ତାଙ୍କର ଅନେକ ଚାଷୀଙ୍କ ସହ ସଂପର୍କ ବଢିଛି ଏବଂ କେଉଁଠି କଣ ସବୁ ମିଳୁଛି ସେ ବିଷୟରେ ମଧ୍ୟ ସେ ବେଶ୍ ଅବଗତ । ଉତ୍ପାଦକ ସଂଘ ଦ୍ୱାରା ସଂଗୃହିତ ବିଭିନ୍ନ ଜିନିଷ ମଧ୍ୟ ସେ ସଠିକ୍ ମୂଲ୍ୟ ଦେଇ କିଣି ପାରିବେ ଓ ସେସବୁ ନିଜେ

ବ୍ୟବସାୟ କରି ପାରିବେ । ଏବେ ନିକୁନ୍ତ ନିଜର ପନିପରିବା ସହ ନିଜ ଗାଁର ପରିବା ସବୁ ବିକ୍ରିର ବ୍ୟବସ୍ଥା କରୁଛନ୍ତି । ନିକୁନ୍ତଙ୍କ ମତରେ କନ୍ଧମାଳ ବିଭିନ୍ନ ଜିନିଷ ଉତ୍ପାଦନରେ ଏକ ସମୃଦ୍ଧ ଅଂଚଳ । ଏହି ଅଂଚଳର ଜିନିଷ ବାହାର ବ୍ୟବସାୟୀ ମାନେ ବ୍ୟବସାୟ କରି ଲାଭବାନ ହେଉଥିବା ସ୍ଥଳେ ସ୍ଥାନୀୟ ଯୁବକ ମାନେ ଶ୍ରମିକ କାମ କରିବାକୁ ବାହାରକୁ ଯାଉଛନ୍ତି । ସେମାନେ ଯେତେବେଳେ ଏହି ଦାୟିତ୍ୱ ନିଜେ ନେବେ ସେତେବେଳେ ସେମାନଙ୍କ ରୋଜଗାର ଚିନ୍ତା ଆଉ ରହିବ ନାହିଁ ଏବଂ ସ୍ଥାନୀୟ ଚାଷୀମାନେ ବି ଲାଭବାନ ହୋଇ ପାରିବେ ।

ପଣସ ଖଦାରୁ ଖତ ପ୍ରସ୍ତୁତ କରନ୍ତି ପୂର୍ଣ୍ଣିମା

ବଡ ଅଭାବୀ ପରିବାର ପୂର୍ଣ୍ଣମା ଦିଗାଲଙ୍କର । ଚାଷ ଜମି ଆଦୌ ନାହିଁ କହିଲେ ଚଳେ । ମୂଲ ମଜୁରୀରୁ ତାଙ୍କର ପରିବାର ଚଳେ । ତେବେ ଚାଷସମୟ ପରେ ଗାଁ ପାଖରେ ମଜୁରୀ କାମ ମିଳୁନଥିବାରୁ ଗାଁର ବିଭିନ୍ନ ଲୋକଙ୍କ ଜମିକୁ ଲିଜ୍ ନେଇ ସେଥିରେ କିଛି କିଛି ପରିବା ଚାଷ କରନ୍ତି । ସେଥିରେ ଘର ଖର୍ଚ୍ଚ ତୁଲ ହୁଏ ଏବଂ କିଛି କିଛି ବିକ୍ରିକରି ଚାଷ ଖର୍ଚ୍ଚ ଉଠାନ୍ତି । ଜମି ବାଡ ନଥିବାରୁ ଘରେ ଗାଈ ବଳଦ ମଧ୍ୟ ରଖିନାହାନ୍ତି । ତେଣୁ ଚାଷରେ ଖତ ଗୋବରଟିକେ ଦେବାକୁ ମିଳେ ନାହିଁ । ଅଭାବ ହେତୁ ବଜାରରୁ ସାର ପିଡିଆ ବି କିଣିବା ସମ୍ଭବ ହୁଏ ନାହିଁ । ଜଙ୍ଗଲରୁ ଶୁଖିଲା ପତ୍ର, ବିଲର ନଡାପାଳ ଆଦି ସଂଗ୍ରହ କରି ଏବଂ କିଛି କିଛି ଶୁଖିଲା ଗୋବର ସଂଗ୍ରହ କରି ସେସବୁ କମ୍ପୋଷ୍ଟ କରନ୍ତି ଏବଂ ଫସଲରେ ଦିଅନ୍ତି । ପୂର୍ଣ୍ଣମାଙ୍କର ଘର ବାଡିରେ ୩ଟି ପଣସ ଗଛ ଅଛି । ଏହି ପଣସ ଗଛ ତିନୋଟି ତାଙ୍କ ପରିବାରକୁ ଅନେକ ଅସୁବିଧା ସମୟରେ

ସହାୟତା ଦେଇଥାଏ । ପ୍ରାୟ ୨ମାସ ଏହାର କଷି କଠାରେ ତରକାରୀ ଅଭାବ ତୁଲ ହୁଏ । ପାଚିଲା ପଣସ ମାସେଯାଏ ଖାଦ୍ୟ ଯୋଗାଏ । ଘରେ କିଛି ନଥିବାବେଳେ ପଣସ ଗୋଟାଏ ଭାଙ୍ଗି ଦେଇ ଖାଇ ରହିଯାଆନ୍ତି । ଆଗରୁ କନ୍ଧମାଳର ଲୋକମାନଙ୍କ ଏହା ଖାଦ୍ୟ ସୁରକ୍ଷାର ଏକ ବଡ ଉତ୍ସ ଥିଲା । ଲୋକମାନେ ପଣସ କଷି ଧରିବା ଠାରୁ ପାଚିସାରିବା ପର୍ଯ୍ୟନ୍ତ ଏହାକୁ ବିଭିନ୍ନ ଭାବେ ବ୍ୟବହାର କରୁଥିଲେ । କେବେ ସକାଳର ଜଳଖିଆ ଏଥିରେ ତୁଲ ହୋଇଯାଉଥିଲା ତ ଆଉ କେତେବେଳେ ବିଲବାଡ କାମରେ ଭୋଜନି ଆବଶ୍ୟକତା ମେଂଟାଉଥିଲା । ବନ୍ଧୁବାନ୍ଧବ ଘରକୁ ଗଲେ ପାଚିଲା ପଣସ ଟିଏ ଧରି ଚାଲିଯାଉଥିଲେ । ପଣସ ସମୟରେ ଘରର ପିଲାମାନେ ଭୋକିଲା ରହୁନଥିଲେ । ସେହିପରି ପଣସ ମଂଜି ମଧ୍ୟ ତରକାରୀ ଓ ଭଜା ଆଦି ହେଉଥିଲା । ଅପ୍ରେଲ ମାସରୁ ଅଗଷ୍ଟ ମାସ ଯାଏ ପଣସ ଘରର ଖାଦ୍ୟର ଏକ ବଡ ଅଂଶ ହୋଇ ରହୁଥିଲା ।

ପୂର୍ଣ୍ଣିମାଙ୍କର ଏହି ଗଛ ତିନୋଟିରେ ବହୁତ ପଣସ ଆସେ । ତଳୁ ଉପର ପର୍ଯ୍ୟନ୍ତ ଲଦି ହୋଇଥାଏ । ଅଂଚଳସାରା ପଣସ ରହିଥିବାରୁ ଗାଁ ଗହଳରେ ଏହାର ବିକ୍ରି ମଧ୍ୟ ଲାଭଜନକ ହୁଏ ନାହିଁ । ବାହାର ବ୍ୟବସାୟୀ ମାନେ ଆସିଲେ ବହୁତ କମ୍ ଦାମ୍ ଦିଅନ୍ତି । ବର୍ଷା ଆରମ୍ଭ ସମୟକୁ ପଣସ ସବୁ ପାଚିଲା ପରେ ଗାଁ ଗହଳ ରାସ୍ତା ସବୁଆଡେ ଲୋକମାନେ ପାଚିଲା ପଣସ ଖାଇ ଛେଦା ଗଦା କରିଥାନ୍ତି । କେହି କେହି ଏହାକୁ ଖତଗଦାରେ ପକାଉଥିଲେ ମଧ୍ୟ କୁକୁର ଓ ଗାଈ ମାନେ ଖାଇ ଏଣେତେଣେ ପକାନ୍ତି । ପୂର୍ଣ୍ଣିମା ଲକ୍ଷ୍ୟକଲେ ସେ ପକାଉଥିବା ପାଚିଲା ପଣସ ଖଦାସବୁ ମଧ୍ୟ ସେମିତି ବୁଲା ଗାଈ ଓ କୁକୁର ଖାଇ ଯାଉଛନ୍ତି । ସେଗୁଡିକ କୌଣସି ଦରକାରରେ ଆସୁନାହିଁ । ତେଣୁ ସେଥିରୁ ଖତ କରିବାକୁ ସେ ଚିନ୍ତା କଲେ । ସେ ତିଆରି କରୁଥିବା କମ୍ପୋଷ୍ଟ ସହ ଏହା ମିଶିଲେ ଭଲ ଖତ ହୋଇପାରିବ । ପାଚି ଯାଇଥିବାରୁ ତାହା ଅତିଶିଘ୍ର ପଚିଯିବ ଏବଂ ଖତରେ ମିଶିଯିବ ବୋଲି ସେ ଭାବିଲେ । ତେଣୁ ସେ ଏକ ଗାତ ଖୋଳି ଶୁଖିଲା ପତ୍ର ଓ ପାଳକୁଟା ସହ ପଣସ ଖଦା ସବୁ ପକାଇଲେ । ୩ଟି ଗଛରୁ ତାଙ୍କର ପ୍ରାୟ ୩ କ୍ୱିଂଟାଲ ପର୍ଯ୍ୟନ୍ତ ପାଚିଲା ପଣସ ଖଦା ବାହାରୁଥିଲା । ସେସବୁ ସେଥିରେ ପକାଇ କିଛି କିଛି ଗୋବର ପକାଇଲେ । ଗାଈ କୁକୁର ନଟାଣିବା ପାଇଁ ଗାତ ଉପରେ କ□ ଓ ଡାଳ ଢାଙ୍କି ଦେଲେ । ମାସେ/ଦେଢମାସ ପରେ ତାହା ଭଲ ଖତ ହୋଇ ବାହାରିଲା । ସେହିଖତକୁ ସେ ବାଇଗଣ. ଟମାଟୋ, ଲଙ୍କା ଆଦି ପନିପରିବା ଫସଲରେ ପ୍ରୟୋଗ କଲେ । ଏହା ମଧ୍ୟ ଉନ୍ନତ ଖତ ପରି କାମ ଦେଉଥିବାର ସେ ଲକ୍ଷ କଲେ । ଗତ ୩/୪ ବର୍ଷ ହେବ ସେ ଏହିପରି ଖତ ପ୍ରସ୍ତୁତ କରି ଆସୁଛନ୍ତି । ଏଥିରୁ ନିଜ ଫସଲ ପାଇଁ ତାଙ୍କୁ ଆବଶ୍ୟକ ପରିମାଣର ଖତ ବି ମିଳୁଛି । ତାଙ୍କର ଏହି କୌଶଳ ଦ୍ୱାରା ଗାଁ ପରିବେଶ ବି ନିର୍ମଳ ରହୁଛି । କାରଣ ବର୍ଷାଦିନ ଆରମ୍ଭରେ ଚାରିଆଡେ ପାଚିଲା ପଣସ ଖଦା ପଡୁଥିବାରୁ ଅନେକ ମାଛି ସୃଷ୍ଟି ହୋଇଥାନ୍ତି ଏବଂ ଗାଁ ପରିବେଶ ଦୂଷିତ ମଧ୍ୟ ହୋଇଥାଏ । ପୂର୍ଣ୍ଣିମାଙ୍କ ପରି କୌଶଳ କଲେ ଲୋକମାନେ ଏଥିରୁ ଉନ୍ନତ ଖତ ପାଇବା ସହ ପରିବେଶ ବି ନିର୍ମଳ ରହିପାରିବ ।

ମାଣ୍ଡିଆ ଜାତିୟ ଖାଦ୍ୟର ପ୍ରସାର ପାଇଁ ମିଲେଟ୍ ଶକ୍ତି ଟିଫିନ୍ ଦୋକାନ

କୃଷିର ଫସଲ ଚୟନ ମୁଖ୍ୟତଃ ଖାଦ୍ୟରୁଚି ଉପରେ ନିର୍ଭର କରେ । ଭାତ ଆମର ପ୍ରଧାନ ଖାଦ୍ୟ ହୋଇଥିବାରୁ ଧାନଚାଷ ଉପରେ ଆମେ ପ୍ରାଧାନ୍ୟ ଦେଉଛେ । ସେହିପରି ରୁଟିକୁ ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ କରୁଥିବା ରାଜ୍ୟ ଗୁଡିକରେ ଗହମ ଓ ବାଜରା ଚାଷକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସମୟଥିଲା ମଣିଷ ଯାହା ମିଳୁଥିଲା ତାହା ଖାଇ ବଂଚୁଥିଲା । ଖାଦ୍ୟ ଚୟନରେ ତାର ସେପରି କୌଣସି ବାଛବିଚାର ନଥିଲା । ବିଭିନ୍ନ ଜଙ୍ଗଲୀ ଶାଗ, କନ୍ଦା, ମାଛ, ଜଙ୍ଗଲୀ ମାଂସ ତାର ମୁଖ୍ୟ ଖାଦ୍ୟ ଥିଲା । କ୍ରମେ ଯେତେବେଳେ ମଣିଷ ସ୍ଥାୟୀ ବସବାସ କଲା ସେତେବେଳେ ସ୍ଥାନୀୟ ପରିବେଶ ଓ ପାଣିପାଗକୁ ନେଇ ହେଉଥିବା ଫସଲ ଗୁଡିକୁ ମୁଖ୍ୟ ଖାଦ୍ୟ ଭାବେ ଅଭ୍ୟାସରେ ପରିଣତ କଲା । ପାହାଡିଆ ଅଂଚଳରେ ରହୁଥିବା ଲୋକମାନେ ପାହାଡି ଢେପ ଜମିରେ ହେଉଥିବା ମାଣ୍ଡିଆ, ମକା, ସୁଆଁ, କାଙ୍ଗୁ, ଆଦିକୁ ମୁଖ୍ୟ ଖାଦ୍ୟ ଭାବେ ଗ୍ରହଣ କରୁଥିଲେ । ଆଦିବାସୀ ବହୁଳ ଅଂଚଳ ଗୁଡିକରେ ମାଣ୍ଡିଆ ପେଜ, ସୁଆଁ ଓ ଜନା ଭାତ, କାଙ୍ଗୁ ଜାଉର ବହୁଳ ବ୍ୟବହାର ଥିଲା । କିନ୍ତୁ ଏବେ ସମୟ ବଦଳିଛି । ଆମର ଖାଦ୍ୟାଭ୍ୟାସ ଓ କୃଷି ଉଭୟ ବଜାରକୈନ୍ଦ୍ରିକ ହୋଇଯାଇଛି । ବ୍ୟବସାୟୀମାନେ ବିଭିନ୍ନ ଖାଦ୍ୟକୁ ପ୍ରଚାର ମାଧ୍ୟମରେ ଆମ୍ଭମାନଙ୍କୁ ଆକୃଷ୍ଟ କରାଉଛନ୍ତି ଏବଂ ବଜାର ଚାହିଦା ସୃଷ୍ଟି କରାଉଛନ୍ତି । ବଜାର ଚାହିଦାକୁ ଧରି ଚାଷୀମାନଙ୍କ ଫସଲ ଚୟନ ହେଉଛି ଏବଂ ମୂଲ୍ୟ ନିର୍ଦ୍ଧାରଣ ହେଉଛି । ମୋଟାମୋଟି କହିବାକୁ ଗଲେ ଆମ ଖାଦ୍ୟାଭ୍ୟାସ ଓ କୃଷି ଏବେ ସମ୍ପୂର୍ଣ୍ଣ ବଜାର ନିୟନ୍ତ୍ରିତ । ବଜାରର ପ୍ରଚାର କୌଶଳ ଆମକୁ ଏପରି ଭାବେ କବଳିତ କରିଦେଉଛି ଯେ ଆମେ କୌଣସି ଫସଲର ପ୍ରାକୃତିକ ଗୁଣବତ୍ତା ଓ ପୁଷ୍ଟିକୁ ଧ୍ୟାନ ନଦେଇ କେବଳ ପ୍ରଚାର ଉପରେ ଗୁରୁତ୍ୱ ଦେଉଛେ । ତେବେ ଏହି ପ୍ରକ୍ରିୟା ଆମର ଖାଦ୍ୟାଭ୍ୟାସ, ପୁଷ୍ଟି ଆବଶ୍ୟକତା, ଖାଦ୍ୟବିବିଧତା, ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ସହ ଆମର ଫସଲ ବିବିଧତା, ଉତ୍ପାଦନ ଓ ଫସଲ ଚୟନକୁ ବ୍ୟାପକ ଭାବେ ପ୍ରଭାବିତ କରୁଛି ।

ମାଣ୍ଡିଆ ଜାତିୟ ଶସ୍ୟ, କନ୍ଦ ଜାତିୟ ଫସଲ, ବିଭିନ୍ନ ଶାଗ, ବିଭିନ୍ନ ଦେଶି ପରିବା ଭଳି ସ୍ୱାଦ ଓ ପୁଷ୍ଟିରେ ଭରପୁର ଅନେକ ଫସଲ ଅମ ଚାଷରୁ ଲୋପ ପାଇ ପାଇ ଯାଉଛି

ଏବଂ ଆମ ଖାଦ୍ୟଥାଳିରୁ ମଧ୍ୟ ଉଭାନ ହୋଇଯାଇଛି । ନିଜର ଖାଦ୍ୟ ଆବଶ୍ୟକତା ପ୍ରତି ଦୃଷ୍ଟି ନଦେଇ ଚାଷୀମାନେ ବଜାରକୁ ଯୋଗାଇବା ପରି ଫସଲ ଉତ୍ପାଦନ କରିବାରେ ଆଗ୍ରହ ଦେଖାଉଛନ୍ତି । ଚାଷୀ ନିଜେ ଗୋଟିଏ ଦୁଇଟି ଜିନିଷ ବଜାରକୁ ଯୋଗାଉଥିବାବେଳେ ବଜାରରୁ ୧୦ଟି ଜିନିଷ କିଣୁଛି । କୋବି, ବାଇଗଣ ବିକୁଥିବା ବେଳେ ତେଲ, ମସଲା, ଆଳୁ, ପିଆଜ, ରସୁଣ ଆଦି କିଣୁଛି । ବେଳେବେଳେ ନିଜେ ଯୋଗାଉଥିବା କଂଚାମାଲକୁ ପ୍ୟାକେଟ ଜିନିଷ ହିସାବରେ ଅଧିକ ଦରରେ କିଣୁଛି । ତେବେ ନିଜର ଖାଦ୍ୟ ପାଇଁ ବଜାର ଉପରେ ନିର୍ଭର କରୁଥିବା ଲୋକଟିକୁ କଣ କେବେ ଚାଷୀ ବୋଲି କୁହାଯାଇପାରିବ ?

ଆମର ଖାଦ୍ୟ ପରଂପରାରେ ଥିବା ଅନେକ ସୁସ୍ୱାଦୁ, ରୁଚିକର ଓ ପୁଷ୍ଟିକର ଖାଦ୍ୟ କୃଷି ବ୍ୟବସ୍ଥାରେ ପରିବର୍ତ୍ତନ ଯୋଗୁଁ ଲୋପ ପାଇ ଆସୁଛି । ମାଣ୍ଡିଆ ଜାତିୟ ଚାଷ ଲୋପ ପାଇ ଥିବାବେଳେ ଏଥିରୁ ପ୍ରସ୍ତୁତ ଅନେକ ସୁସ୍ୱାଦୁ ଖାଦ୍ୟ ସହ ବର୍ତ୍ତମାନ ପିଢିର ପିଲାମାନେ ବିଶେଷ ପରିଚିତ ନୁହଁନ୍ତି । ତେଣୁ ଏହି ଫସଲକୁ ସେମାନେ ଅଦରକାରୀ ବୋଲି ବିଚାର କରୁଛନ୍ତି । ତେବେ ପୁଷ୍ଟିପୂର୍ଣ୍ଣ ମାଣ୍ଡିଆ ଜାତିୟ ଶସ୍ୟରୁ ଅନେକ ପାରମ୍ପରିକ ସ୍ୱାଦପୂର୍ଣ୍ଣ ଖାଦ୍ୟ ସହ ଆଧୁନିକ ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଇପାରିବ । ସ୍ୱାତୀ ଅନୁଷ୍ଠାନ ଦ୍ୱାରା ରାଇକିଆ ଅଂଚଳରେ ହେଉଥିବା ମିଲେଟ୍ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ମାଣ୍ଡିଆ ଜାତିୟ ଶସ୍ୟ ପ୍ରସ୍ତୁତ ଖାଦ୍ୟର ପ୍ରସ୍ତୁତି ଓ ପ୍ରସାର ପାଇଁ ଗାଁ ଓ ଗୋଷ୍ଠୀ ସ୍ତରରେ ଖାଦ୍ୟମେଳା ମାନ କରାଯିବା ସହ ବଜାର ଓ ବିଭିନ୍ନ ଛକ ସ୍ଥାନରେ ଟିଫିନ୍ ସେଂଟର୍ ମାନ ଖୋଲା ଯାଇଛି । ରାଇକିଆ ବ୍ଲକ୍ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ମଣ୍ଡାସୁରୁ ରାସ୍ତାର କିଲାକିଆ ଛକରେ ଏବଂ ଡିବାରୀ ଛକରେ ସ୍ଥାନୀୟ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଦୁଇଟି ମିଲେଟ୍‌ଶକ୍ତି ଟିଫିନ୍ ସେଂଟର ଖୋଲାଯାଇଛି ।

ଏହି ମିଲେଟ୍‌ଶକ୍ତି ଟିଫିନ୍ ସେଂଟରରେ ସ୍ଥାନୀୟ ମହିଳା ଦଳ ଗୁଡିକ ମାଣ୍ଡିଆ ଜାତିୟ ଶସ୍ୟରେ ବିଭିନ୍ନ ସ୍ୱାଦପୂର୍ଣ୍ଣ ଜଳଖିଆ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି । ମାଣ୍ଡିଆ ଲଡୁ, ବରା, ଗୁଲୁଗୁଲା, ପକୁଡି, ମିଠା, ମୁଡୁକି, ସୁଆଁ ଲଡୁ, ସୁଆଁ ଉପମା, ହାଲୱା ଆଦି ବିଭିନ୍ନ ଜଳଖିଆ ପ୍ରସ୍ତୁତ କରୁଛନ୍ତି । ସେହିପରି ମାଣ୍ଡିଆ ସୁପ୍, କାଙ୍ଗୁ ପାଏସ୍ ଆଦି ପ୍ରସ୍ତୁତ ହେଉଛି । ଏହି ଖାଦ୍ୟ ଗୁଡିକ ଅତି ସ୍ୱାଦପୂର୍ଣ୍ଣ ଓ ରୁଚିକର ହେଉଥିବାରୁ ସ୍ଥାନୀୟ ଗ୍ରାହକ ମାନଙ୍କୁ ଆକୃଷ୍ଟ କରୁଛି । ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଏହିସବୁ ଖାଦ୍ୟକୁ ବହୁତ ପସନ୍ଦ କରୁଛନ୍ତି । ଏହାଛଡା ମାଣ୍ଡିଆ ଗୁଣ୍ଡ, ସୁଆଁ ଚୁନା, କାଙ୍ଗୁ ଦାନା ଓ ଛତୁଆ ଆଦିର ପ୍ୟାକେଟ୍ କରି ବିକ୍ରି କରୁଛନ୍ତି ।

ମାଣ୍ଡିଆ ଚାଷ ଓ ଉତ୍ପାଦନ ବୃଦ୍ଧି ଯୋଗୁଁ ଘରେ ଲୋକମାନେ ନିଜର ଖାଦ୍ୟାଭ୍ୟାସରେ ମାଣ୍ଡିଆ ଜାତିୟ ଖାଦ୍ୟକୁ ସାମିଲ କରୁଛନ୍ତି । ମାଣ୍ଡିଆ ଜାଉ, ସୁଆଁ ଉପମା, କାଙ୍ଗୁ ପାଏସ୍ ଆଦି ଘରେ ଘରେ ପ୍ରସ୍ତୁତ କରି ଖାଉଛନ୍ତି । ଏହା ମାଣ୍ଡିଆ ଚାଷର ପୁନରୁଦ୍ଧାର ପାଇଁ ଆଶା ସଂଚାର କରୁଛି ।

କନ୍ଧମାଳର ପ୍ରାକୃତିକ କୃଷି

ବର୍ତ୍ତମାନ ସମୟରେ କୃଷି ବ୍ୟବସ୍ଥା ସଂପୂର୍ଣ୍ଣଭାବେ ବଜାର ନିୟନ୍ତ୍ରଣକୁ ଚାଲି ଯାଉଥିବାବେଳେ କୃଷି ଜ୍ଞାନ ଓ ସାଧନ ସବୁ ସାଧାରଣ ଚାଷୀ ନିକଟରୁ ଲୋପପାଇ ଚାଲିଛି । ବିହନ, ଖତସାର, କୀଟନାଶକ ଠାରୁ ଆରମ୍ଭ କରି ଫସଲର ବଜାର ଚାହିଦା ସୃଷ୍ଟିକରିବା ଆଦି ସବୁ ଏବେ ଚାଷୀ ହାତରୁ ଯାଇ ବ୍ୟବସାୟୀ ମାନଙ୍କ ହାତରେ ଠୁଳ ହୋଇଛି । ଏହା ଚାଷୀର ସ୍ୱାଧିନତା ଓ ଅସ୍ତିତ୍ୱ ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ବ୍ୟବସାୟୀକ ଚକ୍ରବ୍ୟୁହରେ କେବଳ ଚାଷୀ ନୁହଁନ୍ତି ଆମର ଖାଦ୍ୟ ବ୍ୟବସ୍ଥା ମଧ୍ୟ ବିଶେଷ ଭାବେ ପ୍ରଭାବିତ । ଖାଇବା ପାଇଁ ଶୁଦ୍ଧ ଓ ସତେଜ ଜିନିଷ ଦୁଷ୍ପ୍ରାପ୍ୟ ହେଲାଣି ଏବଂ ରାସାୟନୀକ ଉତ୍ପାଦିତ ଫସଲ ଦେହରେ ରୋଗ ସୃଷ୍ଟି କରିଚାଲିଛି । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ଓ ଜୈବିକ କୃଷି ହିଁ ସମାଧାନର ଏକମାତ୍ର ପନ୍ଥା ।

କନ୍ଧମାଳରେ ପ୍ରାକୃତିକ ଓ ଜୈବିକ କୃଷିର ଧାରା ଅଦ୍ୟାବଧି ରହିଛି । ଏଠାରେ ଜଙ୍ଗଲ ସଂପଦ, ପଶୁ ସଂପଦ ସାଙ୍ଗକୁ ଫସଲ ବିବିଧତା, ବିହନ ବିବିଧତା ଏବଂ ପାରଂପରିକ କୃଷି କୌଶଳ ମାନ ସ୍ଥାନୀୟ ଚାଷକୁ ସମୃଦ୍ଧ କରୁଛି । ତେବେ ସମସାମୟିକ ବଜାର ପ୍ରଭାବରୁ ଏହାକୁ ସୁରକ୍ଷା ଦେବା ଓ ସମୃଦ୍ଧ କରିବା ବର୍ତ୍ତମାନ ପାଇଁ ଅତି ଜରୁରୀ ଅଟେ । ଏହି ପୁସ୍ତିକାରେ ସ୍ଥାନୀୟ ଚାଷୀ ଓ ଚାଷ ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି ।

ସ୍ୱାତୀ

କନ୍ଧମାଳ, ଓଡିଶା

Social Welfare Agency & Training Institute (SWATI)
At/Po : Paburia, Dist: Kandhamal - 762112, Odisha
E-mail: swati_pab@yahoo.co.in, Website: www,swatiodisha.org